ଆଞ୍ଚଳିକ ମନ୍ଥନ

ପୃଷ୍ଠା ୨

ସୋମବାର, ୩ ଅଗଷ୍ଟ ୨୦୨୬, ଭୁବନେଶ୍ୱର Monday, 3 Aujust 2026, Bhubaneswar



# ସହକାରୀ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ପିପିଲି,୨।୮ :(ମନ୍ଥନ)ପିପିଲି ଅଞ୍ଚଳର ଏକମାତ୍ର ସଂସ୍କୃତ ବିଦ୍ୟାଳୟ ତଥା ଦାଣ୍ଡମୁକୁନ୍ଦପୁର ରାଣପୁର ସ୍ଥିତ ଭକ୍ତ ସାଲବେଗ ସଂସ୍କୃତ ବିଦ୍ୟାଳୟର ବରିଷ୍ଠା ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଆଚାର୍ଯ୍ୟଙ୍କର ଅବସରକାଳୀନ ସଂବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ସିଆର୍‌ସିସି ସଂଯୁକ୍ତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସୁକାନ୍ତ କୁମାର ପଣ୍ଡା, ଏବିଇଓ ସାହେବ ପାତ୍ର, ରାଜ୍ୟ ସଂସ୍କୃତ ଶିକ୍ଷକ ମହାମଣ୍ଡଳ ସଂପାଦକ ହଟ୍ଟକିଶୋର ପାଇକରାୟ, ଶିକ୍ଷକ ନେତା ବିକ୍ରମ କୁମାର ରଥ, ବ୍ରହ୍ମଗିରି ସ୍ଥିତ ସଂସ୍କୃତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନୃସିଂହ ଆଚାର୍ଯ୍ୟ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସତ୍ୟାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ ।



ଶ୍ରୀମତୀ ଆଚାର୍ଯ୍ୟଙ୍କ ମହନୀୟ ଗୁଣାବଳୀ ତଥା ସର୍ବସହନଶୀଳତା, ଧୈର୍ଯ୍ୟ, ପ୍ରସନ୍ନତା ଓ ବିଦ୍ୟାଳୟ ପ୍ରତି ରହିଥିବା ଅବଦାନ ସଂପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅବସରରେ ତାଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସଂବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଷଦେବ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପଲ୍ଲିବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦାଣ୍ଡମୁକୁନ୍ଦପୁର କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ, ବି.ଏଲ୍.ଓଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଯୋଗଦେଇ ଶ୍ରୀମତୀ ଆଚାର୍ଯ୍ୟଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ ।

# ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ଜନିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଯାଜପୁର,୨।୮ :(ମନ୍ଥନ)ଯାଜପୁର ଜିଲ୍ଲାରେ ଚଳିତ ଲଗାଣ ବର୍ଷା ଓ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଲାବିତ ହୋଇଅଛି। ଜିଲ୍ଲାପାଳ, ଯାଜପୁର ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଂଟନ କାର୍ଯ୍ୟର ପ୍ରତ୍ୟେକ୍ଷ ତଦାରଖ କରୁଛନ୍ତି। ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳରେ ବହୁ ପଂଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଂଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଫିସରଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।ନଦୀକୂଳିଆ ଓ ତଳିଆ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ବନ୍ୟା ଆଶ୍ରୟସ୍ଥଳୀକୁ ନିଆଯାଉଥିବା ବେଳେ ସେଠାରେ ଶୁଖିଲା ଖାଦ୍ୟ,ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରଦାନ କରାଯାଉଛି। ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଆଜି ବଡ଼ଚଣା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ପଂଚାୟତ ପରିଦର୍ଶନ କରିବା ସହ ସ୍ଥାନୀୟ ବିଧାୟକ, ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲାପାଳ ଆଜି ଦଶରଥପୁର ବ୍ଲକ ବନ୍ୟାଂଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୧୧୧ ଟି ଗ୍ରାମ ପଂଚାୟତ, ୩୨୮



ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି। ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୧,୯୩,୭୮୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୯,୧୯୭ ଜଣଙ୍କୁ ଉଦ୍ଧାର କରାଯାଇ ୧୬୭ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୧୩୧ ଟି ରିଲିଫ ସେଂଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୫୨,୮୩୭ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୫,୦୮୧.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛ। ୬୪୭.୨ କ୍ୱିଂଟାଲ୍ ଚୁଡ଼ା, ୧୦୬.୭୧ କ୍ୱିଣ୍ଟାଲ୍ ଗୁଡ଼ ୧୭୨ ଟି ପଲିଥିନ୍ ରୋଲ୍, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମହମବତୀ ବଂଟନ ସରିଛି। ୦୮ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି । ୦୧ ଟି ଏନ୍.ଡି.ଆର୍.ଏଫ୍ ଟିମ୍, ୦୬ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ କରାଯାଇଛି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଥିଲେ ବି ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଅପରାହ୍ନ ୪ଟା ସୁଦ୍ଧା ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ୧୭.୮୩ ମିଟର (ବିପଦ ସଙ୍କେତ ୧୮.୩୩ ମିଟର) ଏବଂ ଜେନାପୁରଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୬୦.୧୦ ଫୁଟ (ବିପଦ ସଙ୍କେତ ୬୭ ଫୁଟ) ରହିଛି। ଆଜିର ଗଜ୍ ରିପୋର୍ଟ ଅନୁଯାୟୀ, ବୈତରଣୀ ନଦୀର ଜଳସ୍ତର ଦଶରଥପୁରଠାରେ ବିପଦ ସଙ୍କେତ (୯.୫୨ ମି.) ଅତିକ୍ରମ କରି ସନ୍ଧ୍ୟା ୫ଟା ସୁଦ୍ଧା ୧୦.୧୩ ମିଟରରେ ପ୍ରବାହିତ ହେଉଛି। ଅନ୍ୟପଟେ, ଆନନ୍ଦପୁର (୩୫.୫୦ ମି.), ଆଖୁଆପଦା (୧୭.୭୮ ମି.) ଏବଂ ବଲ୍ଲଭୀଘାଟ (୧୨.୦୦ ମି.) ଠାରେ ଜଳସ୍ତର ସ୍ଥିର ରହିବା ସହ ଧୀରେ ଧୀରେ ହ୍ରାସ ପାଉଛି।

# ହାତୀ ଆକ୍ରମଣ ରେ ବୃଦ୍ଧାଙ୍କ ମୃତ୍ୟୁ

କୋଇଡା,୨।୮ :(ମନ୍ଥନ) ବାରସୁଆଁ ବନାଞ୍ଚଳ ଅଧୀନସ୍ଥ ଡେଙ୍ଗୁଲା ସେକ୍ସନ ର କୋଇଡା ଉପ ମାର୍ଗ ନିକଟରେ ୭୦ ବର୍ଷ ବୟସ୍କା ସମ୍ବାରି ମୁଣ୍ଡା ଙ୍କ ହାତୀ ଆକ୍ରମଣ ରେ ମୃତ୍ୟୁ ଘଟିଛି ।ମିଳିଥିବା ସୂଚନା ଅନୁଯାଇ ଶୁକ୍ରବାର ବିଳମ୍ବିତ ରାତି ରେ ବୃଦ୍ଧା ଜଣକ ହାତୀ ଆସିଥିବା ର ସୂଚନା ପାଇବା ପରେ ନିଜ ଜୀବନ ବଞ୍ଚାଇବା ପାଇଁ ଘରୁ ଅନ୍ୟତ୍ର ଚାଲି ଯାଉଥିବା ସମୟରେ ହାତୀ ସମ୍ମୁଖରେ ପଡି ଯାଇଥିଲେ ।ହାତୀ ଟି ଶୁଣ୍ଢ ସାହାଯ୍ୟ ବୃଦ୍ଧା ଜଣଙ୍କୁ କଚାଡି ଦେବା ଫଳରେ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ଓ ସୌଭାଗ୍ୟ ବଶତଃ ମୃତକ ବୃଦ୍ଧା ଙ୍କ ଝିଅ ବାଲମା ମୁଣ୍ଡା (୩୦)ଏବଂ ନାତୁଣୀ ପୂଜା ମୁଣ୍ଡା(୫) କୌଣସି ମତେ ହାତୀ କବଳରୁ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ ଓ କୌଣସି ସୂତ୍ର ରୁ ଖବର ପାଇ ବନ ବିଭାଗ କର୍ମଚାରୀ ଏବଂ ପୋଲିସ ପହଂଚି ବ୍ୟବଛେଦ ପାଇଁ ମୃତ ଦେହ ଟିକୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ ।ମୃତକ ଙ୍କ ପରିବାର ସଦସ୍ୟ ଙ୍କୁ ସର୍ବମୋଟ ୧୦ ଲକ୍ଷ ଟଙ୍କା ର ସହାୟତା ରାଶି ପ୍ରଦାନ କରାଯିବା ନେଇ ସରକାର ଙ୍କ ତରଫରୁ ପ୍ରାବଧାନ ଥିବା ବେଳେ ପ୍ରାରମ୍ଭିକ ଭାବେ ଏହି ସହାୟତା ରାଶି ର ୧୦ ପ୍ରତିଶତ ରାଶି ଅର୍ଥାତ ୧ ଲକ୍ଷ ଟଙ୍କା ତୁରନ୍ତ ପ୍ରଦାନ କରାଯିବା ନେଇ ବରସୁଆଁ ବନାଞ୍ଚଳ ଅଧିକାରୀ ଧରଣୀଧର ସାହୁ ସୂଚନା ଦେଇଛନ୍ତି । ବିବି ୨ନାମକ ଏହି ଜଙ୍ଗଲୀ ହାତୀ ର ଉପଦ୍ରବ ପାଇଁ କୋଇଡା ଅଂଚଳ ରେ ଭୟ ର ବାତାବରଣ ସୃଷ୍ଟି ହୋଇଛି ।

# ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ

ଯାଜପୁର,୨।୮ :(ମନ୍ଥନ) ଆଗାମୀ ତିନି ବର୍ଷ ପାଇଁ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର (ଡିସିସି) ଅଣ-ସରକାରୀ ସଦସ୍ୟ ମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟା ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇ ଯୋଗ୍ୟ ବ୍ୟକ୍ତିବିଶେଷଙ୍କଠାରୁ ଆବେଦନ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହା କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଅତ୍ୟନ୍ତ ସମ୍ମାନଜନକ ପଦବୀ ଭାବେ ବିବେଚିତ। ଜିଲ୍ଲା ସଂସ୍କୃତି ପରିଷଦ ନିୟମ, ୧୯୯୪ ର ପ୍ରାବଧାନ ଅନୁଯାୟୀ, ଜାତୀୟ ଅଥବା ରାଜ୍ୟ ପୁରସ୍କାର ଲାଭ କରିଥିବା ବ୍ୟକ୍ତିମାନେ ଏହି ପଦ ପାଇଁ ଆବେଦନ କରିପାରିବେ। ଏହାବ୍ୟତୀତ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା, ଦୃଶ୍ୟକଳା, ସଂସ୍କୃତି, ଐତିହ୍ୟ, ହସ୍ତଶିଳ୍ପ, ହସ୍ତତନ୍ତ, ଶିକ୍ଷା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିମାନେ ମଧ୍ୟ ନିଜର ଆବେଦନ ଦାଖଲ କରିପାରିବେ। ଆଗ୍ରହୀ ବ୍ୟକ୍ତିମାନେ ନିଜର ସଫଳତା, ପୁରସ୍କାର ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ପ୍ରମାଣପତ୍ରର ସ୍ୱ-ପ୍ରମାଣିତ ନକଲ ସହିତ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ଆବେଦନପତ୍ର ଆସନ୍ତା ଅଗଷ୍ଟ ୨୫, ୨୦୨୬ ରିଖ ସୁଦ୍ଧା ପଞ୍ଜୀକୃତ ଡାକ, ସ୍ପିଡ୍ ପୋଷ୍ଟ କିମ୍ବା ବ୍ୟକ୍ତିଗତ ଭାବେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ପହଂଚିବା ଆବଶ୍ୟକ। ଆବେଦନ ଫର୍ମ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ଜିଲ୍ଲାର ସରକାରୀ ୱେବସାଇଟ୍‌ରୁ ସଂଗ୍ରହ କରାଯାଇପାରିବ। ଅନ୍ୟପକ୍ଷରେ, ତୃଣମୂଳ ସ୍ତରରୁ ଯେପରି କୌଣସି ପ୍ରକୃତ ପ୍ରତିଭା ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସମସ୍ତ ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ, ଡିଆଇପିଆରଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ନିଜ ଅଂଚଳରେ ଥିବା ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ସୁପାରିଶ କରିବାକୁ ସମସ୍ତ ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।

# କଂଗ୍ରେସ ପ୍ରତିନିଧିଦଳଙ୍କ ଦଶରଥପୁରର ବନ୍ୟାଂଚଳ ଗସ୍ତ

ଯାଜପୁର,୨।୮ :(ମନ୍ଥନ) ଯାଜପୁର ଜିଲ୍ଲା ଦଶରଥପୁରର ବନ୍ୟାଂଚଳ ଗସ୍ତ କରି ବିପନ୍ନଙ୍କୁ ଭେଟିବା ସହ ରିଲିଫ ସହାୟତା ଯୋଗାଇଛନ୍ତି କଂଗ୍ରେସ ସେବା ଦଳର ନେତା ଓ କର୍ମୀ। ବରିଷ୍ଠ କଂଗ୍ରେସ ନେତା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ପ୍ରଭାବିତ ଅଂଚଳ ବୁଲିବା ସହ ବିପନ୍ନ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଗସ୍ତ ସମୟରେ କଂଗ୍ରେସ ନେତା ଶ୍ରୀ ଦାସ ସିଧାସଳଖ ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି। ସେ କହିଲେ ଯାଜପୁର ଜିଲ୍ଲା ପାଇଁ ୧୨ବର୍ଷରେ ୬୦୦କୋଟି ଟଙ୍କା କେବଳ ବନ୍ଧବାଡ଼ ପାଇଁ ଖର୍ଚ୍ଚ ହୋଇଥିଲେ ମଧ୍ୟ ଆଜି ବି ଏ ଅଂଚଳର ବନ୍ୟା ବିପଦରୁ ମୁକ୍ତି ପାଇପାରିନାହାନ୍ତି। ପୂର୍ବ ସରକାର ପରି ଏ ସରକାର ମଧ୍ୟ ଲୋକଙ୍କ ସ୍ୱାର୍ଥ କଥା ଚିନ୍ତା କରୁନାହାନ୍ତି। ବନ୍ୟା ବାତ୍ୟାର ମୁକାବିଲା କରିବାରେ ସରକାର ବିଫଳ। ଲୋକଙ୍କୁ ରିଲିଫ ତ ଦୂରର କଥା ଆବଶ୍ୟକ ମୁତାବକ ପିଇବା ପାଣି ମଧ୍ୟ ମିଳିପାରୁନି। ତେଣୁ ଏ ସରକାରଙ୍କର ସରକାରରେ ରହିବାର ନୈତିକ ଅଧିକାର ନାହିଁ। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ମାଗୁଣି ଜେନା, କଂଗ୍ରେସ ନେତା ସନ୍ତୋଷ ନନ୍ଦ, କନକ ଲତା ମଲ୍ଲିକ ଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ପିପିଲି,୨।୮ :(ମନ୍ଥନ)ପିପିଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ, ବାଲ ଓ କିଶୋର ବର୍ଗରୁ ବିଜ୍ଞାନ, ଗଣିତ, ସଂସ୍କୃତିଜ୍ଞାନ ବିଷୟରେ ବିଭିନ୍ନ ପ୍ରତିଯୋଗିତା ତଥା ପ୍ରକଳ୍ପ, ପ୍ରୟୋଗ, ପ୍ରଶ୍ନମଞ୍ଚ, ପତ୍ରବାଚନ, କଥା କଥନ ଓ ଆଶୁ ଭାଷଣ ଆଦି ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ପ୍ରକଳ୍ପରେ ମୋଟ୍ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ପ୍ରୟୋଗରେ ୩୦ ଜଣ ପ୍ରତିଯୋଗୀ, ପ୍ରଶ୍ନମଞ୍ଚରେ ୨୭ ଜଣ, ଗଣିତ ପ୍ରକଳ୍ପରେ ୨୦ ଜଣ, ଗଣିତ, ବିଜ୍ଞାନ ଓ ସଂସ୍କୃତିଜ୍ଞାନ ପତ୍ରବାଚନରେ ୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗଣିତ ଚାଟ୍, ଗଣିତ ପ୍ରକଳ୍ପ, ନିବନ୍ଧ, ମୂର୍ତ୍ତିକଳା ଆଦି ପ୍ରତିଯୋଗିତାରେ ୬୦ ଜଣ ଶିଶୁ ପ୍ରତିଯୋଗୀ ଭାଗ ନେଇଥିଲେ।ଏହି ଜ୍ଞାନ ବିଜ୍ଞାନ ମେଳାକୁ ପିପିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାକ୍ତନ ଛାତ୍ରୀ ଡାକ୍ତର ସୁଶ୍ରୀ ଆଦ୍ୟାଶା ପରିଡା ଉଦ୍‌ଘାଟନ କରିବା ଅବସରରେ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ଜୀବନରେ ବିଜ୍ଞାନର ମହତ୍ତ୍ୱ ଓ ଅବଦାନ ସଂପର୍କରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ।



ଏହି ଅବସରରେ ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ବିକ୍ରମ କେଶରୀ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଂପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ଉପସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପିକା ଅର୍ଚ୍ଚନା ସାହୁ, ଯୁଗ୍ମ ସଂପାଦକ ଶିକ୍ଷାବିତ୍ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଅଧୁନା ସମାଜରେ ବିଜ୍ଞାନ ବିନା ଜୀବନ ଜୀବିକା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ଅଭିରାମ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜନିଜର ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ବିଜ୍ଞାନପ୍ରେମୀଙ୍କ ଭିଡ ଜମିଥିଲ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପିପିଲି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଦିବ୍ୟପ୍ରସାଦ କାନୁନଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପାଇଁ ବିଭିନ୍ନ ବର୍ଗରୁ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା।

# ମର୍ନିଙ୍ଗ ଫୁଟବଲ କ୍ଲବର ପ୍ରତିଷ୍ଠାତାଙ୍କୁ ଶୁଭେଚ୍ଛା ଜଣାଇଲେ କ୍ଲବର ସଦସ୍ୟ

ପାରାଦୀପ,୨।୮ :(ମନ୍ଥନ)ପାରାଦୀପ ବନ୍ଦରର ପୂର୍ବତନ ଡେପୁଟି କଂଜରଭେଟର କ୍ୟାପଟେନ ଗୌରୀ ପ୍ରସାଦ ବିଶ୍ୱାଳ ୨୦୦୩ ମସିହାରେ କିଛି ବନ୍ଦର କର୍ମଚାରୀ ମାନଙ୍କୁ ନେଇ ପାରାଦୀପ ଠାରେ ମର୍ନିଙ୍ଗ ଫୁଟବଲ କ୍ଲବ ଗଠନ କରିଥିଲେ । ଯାହାର ଉଦ୍ଦେଶ୍ୟ ଥିଲା ଫୁଟବଲ ଖେଳ ମାଧ୍ୟମରେ ନିଜକୁ ସୁସ୍ଥ ରଖିବା ତଥା ପାରାଦୀପରେ ନୂତନ ଖେଳାଳି ସୃଷ୍ଟି କରିବା । ଇତି ମଧ୍ୟରେ କ୍ଲବର ଅନେକ ସଦସ୍ୟ ବନ୍ଦର ସେବାରୁ ଅବସର ଗ୍ରହଣ କରି ପାରାଦୀପ ଛାଡ଼ି ସାରିଲେଣି ଆଉ କିଛି ମୁଷ୍ଟିମେୟ କର୍ମଚାରୀ ଅଜୟ ବେହେରା, ନିରୋଜ ପଟ୍ଟନାୟକ, ପରାଉ ଟୁଡୁ, ବିର୍ବଲ୍ ଟୁଡୁ, ଡକ୍ଟର ବିବେକ ଲେଙ୍କା, ଲିତରମ୍ ହାଇବ୍ରୁ, ମାର୍ଶାଲ କଲୁଣ୍ଡିଆ, ପ୍ରଦୀପ୍ତ ପାଣି, ଜଳଧର ବରାଳଙ୍କ ସମେତ ଅନ୍ୟ ଅବସରପ୍ରାପ୍ତ କର୍ମଚାରୀ କ୍ଲବକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଯୁବ ଓ ବରିଷ୍ଠ ଫୁଟବଲ ଖେଳାଳି ମାନଙ୍କୁ ଏକାଠି କରି ପ୍ରତି ଦିନ ସକାଳେ ଓ ସନ୍ଧ୍ୟାରେ ଫୁଟବଲ ଖେଳିବା ଜାରି ରଖିଛନ୍ତି । ମର୍ନିଙ୍ଗ କ୍ଲବର ପ୍ରତିଷ୍ଠାତା କ୍ୟାପଟେନ ବିଶ୍ୱାଳ ତାଙ୍କର ପାରାଦୀପ ଭ୍ରମଣ ସମୟରେ ଆଜି ୨ ଅଗଷ୍ଟ ଦିନ ସକାଳେ ପୋର୍ଟ ଟ୍ରଷ୍ଟ ହାଇ ସ୍କୁଲ ପଡ଼ିଆ ଠାରେ ପହଞ୍ଚି ପିଲା ମାନଙ୍କର ଖେଳ ଦେଖିବା ସଙ୍ଗେ ସଙ୍ଗେ କ୍ଲବକୁ ବଞ୍ଚାଇ ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ପିଲା ମାନଙ୍କ ସହିତ ପରିଚିତ ହୋଇଥିଲେ । କ୍ଲବ ତରଫରୁ ବରିଷ୍ଠ ଖେଳାଳି ପରାଉ ଟୁଡୁ, ଲିତରମ ହାଇବ୍ରୁ ଓ ନିରୋଜ ପଟ୍ଟନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପିଲା ମାନଙ୍କ ସହିତ କିଛି ସମୟ ଅତିବାହିତ କରିବା ସଙ୍ଗେ ସଙ୍ଗେ କ୍ୟାପଟେନ ବିଶ୍ୱାଳ ଫୁଟବଲ ଖେଳକୁ ଜାରି ରଖିବା ସହିତ କ୍ଲବର ରୌପ୍ୟ ଜୟନ୍ତୀ ପାଳନ କରିବାକୁ ମଧ୍ୟ କହିଥିଲେ । ଅନେକ ଦିନ ପରେ କ୍ଲବର ପ୍ରତିଷ୍ଠାତାଙ୍କୁ ପାଖରେ ପାଇ ଖେଳାଳିମାନେ ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଫୁଟବଲ ତଥା ଖେଳାଳି ମାନଙ୍କ ପ୍ରତି ତାଙ୍କର ମନରେ ଥିବା ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଦେଇ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ ।



# ନଦୀ ବନ୍ଧ ଉପରେ ଆଶ୍ରୟ ନେଇଥିବା ପରିବାରକୁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ

ପିପିଲି,୨।୮ :(ମନ୍ଥନ)ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ଦୟା ଓ ଭାର୍ଗବୀ ନଦୀରେ ବନ୍ୟା ଜଳ ନିଷ୍କାସନ ହେଉଛି। ବନ୍ୟା ଜଳ ବିପଦ ସଙ୍କେତ ଉପରେ ନଦୀରେ ପ୍ରବାହିତ ହେଉଥିବା ବେଳେ ଭାର୍ଗବୀ ନଦୀ ପଠାରେ ବସବାସ କରୁଥିବା ପିପିଲି ବ୍ଲକ ପୁବା ପଂଚାୟତ ଅର୍ନ୍ତଗତ ୩ ନମ୍ବର ୱାର୍ଡର ସବରସାହୀର ୪୦ ପରିବାରର ୨ଶହ ଲୋକଙ୍କୁ ନଦୀ ବନ୍ଧ ଉପରେ ସୁରକ୍ଷିତ ସ୍ଥାନକୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଥିଲା । ସେହି ପରିବାର ଲୋକଙ୍କୁ ଶନିବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଉପସ୍ଥିତିରେ ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି। ବିଧାୟକଙ୍କ ସମେତ ପୁବା ପଂଚାୟତ ସରପଂଚ ରଶ୍ମିପ୍ରଭା ଦାସ,ସମିତିସଭ୍ୟ ଚନ୍ଦ୍ରମଣି ବେହେରା, ପିପିଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ,ବିଡିଓ ସରୋଜ କୁମାର ରାଉତ.ପିଇଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରୀ ପିପିଲି ବ୍ଲକର ପୋପରଙ୍ଗା ପଂଚାୟତର ପାଟଳପୁର ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ଧାନ ତଳି ସମେତ ରୁଆଧାନ ସବୁ ପାଣି ରେ ବୁଡି ରହିଛି। ବିଧାୟକ ଆଶ୍ରିତ ପଟ୍ଟନାୟକ ଙ୍କ ସହିତ ତହସିଲଦାର ,ବିଡିଓ ଙ୍କ ସମେତ ବ୍ଲକ ପ୍ରଶାସନ ଗାଁରେ ପହଂଚି ସ୍ଥିତି ଅନୁଧାନ କରିଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ ପାଇଁ ଏକ ଟିମ ଗଠନ କରାଯିବ ବୋଲି ସୂଚନା ମିଳିଛି।



# ଦୟା ନଦୀରେ ପଡିଥିବା ଘଳିଆ ସ୍ଥାନ ପରିଦର୍ଶନ କଲେ ବିଧାୟକ

ଡେଲାଙ୍ଗ,୨।୮ :(ମନ୍ଥନ)ଲଘୁ ଚାପ ଜନିତ ଲଗାଣ ବର୍ଷା ପାଇଁ ଦୟା ଓ ଭାର୍ଗବୀ ନଦୀରେ ବନ୍ୟା ଜଳ ନିଷ୍କାସନ ହେଉଛି । ଡେଲାଙ୍ଗ ବ୍ଲକର ଘୋରଡିଆ ଠାରେ ଦୟା ନଦୀ ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଦୟାନଦୀର ବାମ ପାର୍ଶ୍ୱରେ ବାଲିହୁଙ୍କା,ଶିଶୁଆପଡା,ନୂଆହାଟ ,ତ୍ରିଲୋଚନପୁର ଆଦି ସ୍ଥାନରେ ଛୋଟ ଛୋଟ ଘଳିଆ ସୃଷ୍ଟି



ହୋଇଥିଲା । ସେଗୁଡିକ ଜଳସେଚନ ବିଭାଗ ଦ୍ୱାରା ଜରୁରୀ କାଳିନ ପରିସ୍ଥିତିରେ ବାଲି ବସ୍ତା ଦିଆଯାଇ ମରାମତୀ କାର୍ଯ୍ୟ ଚାଲୁ ରହିଛି । ଶନିବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଜଳସେଚନ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ, ଜଳସେଚନ ବିଭାଗ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ,ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାକର ଲେଙ୍କା ,ସହକାରୀ ଯନ୍ତ୍ରୀ ଜ୍ଞାନରଞ୍ଜନ ଗୁରୁ ପ୍ରମୁଖ ସେହି ସ୍ଥାନକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନ କରିଥିଲେ । ନଦୀ ବନ୍ଧ ଉପରେ ତିକ୍ଷଣ ନଜର ରଖାଯାଇଛି । ଏବଂ ଘଳିଆ ପଡିଥିବା ସ୍ଥାନ ଗୁଡିକ ଯୁଦ୍ଧ କାଳୀନ ଭିତରେ ମରାମତି କାର୍ଯ୍ୟ ଜାରି ରହିଛି । ନଦୀ ବନ୍ଧ ସମେତ ସେହି ସ୍ଥାନ ଗୁଡିକ ସୁରକ୍ଷିତ ରହିଥିବା ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀଲେଙ୍କା ସୂଚନା ଦେଇଛନ୍ତି ।

# ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ : ଜିଲ୍ଲାପାଳ

ବ୍ରହ୍ମପୁର,୨।୮ :(ମନ୍ଥନ) ସ୍ଥାନୀୟ କମାପଲ୍ଲୀ ସ୍ଥିତ ଉପ ଜିଲ୍ଲାପାଳ ବ୍ରହ୍ମପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୪ ଓ ୫ ତାରିଖରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ଠାରୁ ଆରମ୍ଭ କରି ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମାନନୀୟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଆଗମନ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ପାଇଁ ଗର୍ବ ଓ ଗୌରବର ବିଷୟ। ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ବେଳେ ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ରିହର୍ସାଲ ଅନୁଷ୍ଠିତ ହେବ। ମହାମହିମ ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ମାନେ ଯେଉଁ ରୁଟ୍ ?ରେ ଯାତାୟାତ କରିବେ, ସେହି ରାସ୍ତାର ପରିଷ୍କାର-ପରିଚ୍ଛନ୍ନତା, ରାସ୍ତା କଡ଼ ଜବରଦଖଲ ଉଚ୍ଛେଦ, ଅସ୍ଥାୟୀ ଭେଣ୍ଡିଂ ଦୋକାନ ଗୁଡ଼ିକର ସ୍ଥାନାନ୍ତରଣ ଆଦି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ଥାନୀୟ ଜନ ସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କ ସହ ମହାମହିମ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣା ବିବେକ ଏମ୍. ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ସୂଚନା ଦେଇଥିଲେ। ଖୁବ୍ ଶୀଘ୍ର ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବ ବୋଲି କୁହାଯାଇଛି ।ଜିଲ୍ଲାପାଳ ବିଭିନ୍ନ ବିଭାଗକୁ ନ୍ୟସ୍ତ ଦାୟିତ୍ୱ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ, ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମହାମହିମ ରାଷ୍ଟ୍ରପତି ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ। ସେଠାରୁ ତପ୍ତପାଣି ଅଭିମୁଖେ ଯାତ୍ରା କରି ଅପରାହ୍ନ ପ୍ରାୟ ୩ଟା ୧୦ ମିନିଟ ସମୟରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପୂଜାର୍ଚ୍ଚନା ପରେ ସେ ଆର୍ମି ଏଡି କଲେଜରେ ରାତ୍ରି ଯାପନ କରିବେ। ପରଦିନ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ମିନିଟ ସମୟରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ସେହିପରି ବୈଠକରେ ରେଳ ଷ୍ଟେସନର ପରିବେଶ ଓ ପରିମଳ ବ୍ୟବସ୍ଥା, ପାରମ୍ପରିକ ଲୋକନୃତ୍ୟ ପରିବେଷଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡିଂ, ଅସ୍ଥାୟୀ ଓ ସ୍ଥାୟୀ ଶୌଚାଳୟର ସୁବନ୍ଦୋବସ୍ତ, ବ୍ୟାଗେଜ୍ ସ୍ଥାନାନ୍ତରଣ, ଅଫିସିଆଲ ପାସ୍, ଆମ୍ବୁଲାନ୍ସ, ପାର୍କିଂ, ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ନେଟୱର୍କ ସଂଯୋଗ ସୁନିଶ୍ଚିତ କରିବା ଏବଂ ସାମୟିକ ରୋଡ୍ ବ୍ରେକର ଅପସାରଣ ସମେତ ସମସ୍ତ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା ।କାର୍କେଡ୍ ବ୍ୟବସ୍ଥା, ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାର୍କେଡ୍, ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ପାସ୍ ପ୍ରଦାନକୁ ସୀମିତ ରଖିବା ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ବୈଠକ ପରେ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଅଧିକାରୀ ବ୍ରହ୍ମପୁର ରେଳ ଷ୍ଟେସନ, ତପ୍ତପାଣି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ଏସ ରେଡ୍ଡି, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଜିଲ୍ଲା ଓ କ୍ଷେତ୍ର ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।





# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ଡେଲାଙ୍ଗ,୨।୮ :(ମନ୍ଥନ)ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଡେଲାଙ୍ଗ ର ୧୬ତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି ।ବିଦ୍ୟା ମନ୍ଦିର ର ସଭାପତି ଡଃ ବସନ୍ତ କୁମାର ଦାଶ , ସଂପାଦକ ଶ୍ରୀମାନ କିଶୋର ପ୍ରଧାନ , ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଟୁକୁନୀ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି କାହ୍ନୁ ଚରଣ ବେହେରା ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦ୍ ?ଘାଟନ କରିଥିଲେ । ପ୍ରାତଃ ପର୍ଯ୍ୟାୟରେ ୧ମ ୨ୟ ୩ୟ ଶ୍ରେଣୀରେ ମୋଟ ୫୨ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୪ର୍ଥ ରୁ ୧୦ମ ପର୍ଯ୍ୟନ୍ତ ୧୦୪ ଟି ପ୍ରକଳ୍ପ ମିଶି ମୋଟ ୧୫୬ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ପ୍ରକଳ୍ପ ମୂଲ୍ୟାୟନ ରେ ଗୋପ ଆଦର୍ଶ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ କାହ୍ନୁ ଚରଣ ବେହେରା ବିଜ୍ଞାନ ଶିକ୍ଷକ ସତ୍ୟରଞ୍ଜନ ସ୍ୱାଇଁ ,ସୃଷ୍ଟି କିରଣ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ର ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ରାଧାକାନ୍ତ ବିଦ୍ୟାପୀଠ ର ବିଜ୍ଞାନ ଶିକ୍ଷକ ଶାଶ୍ୱତ ପ୍ରିୟଦର୍ଶୀ,ପଞ୍ଚାୟତ ହାଇସ୍କୁଲ ବୋଲକଣା ର ପ୍ରଧାନ ଶିକ୍ଷକ ମହେଶ୍ୱର ମହାରଣା ଅମାଲଙ୍ଗ ଉ.ପ୍ରା.ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ସର୍ବ କନିଷ୍ଠ ବର୍ଗ ର ପ୍ରଥମ ଶ୍ରେଣୀ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ପ୍ରକଳ୍ପରେ ଅଭିଲିପସା ଇସାନି କାଣ୍ଡି ,ମୁଦ୍ରା ପରିଚୟରେ ପ୍ରତ୍ୟୁଷ ପ୍ରଧାନ,ଖାଦ୍ୟର ପ୍ରକାର ଭେଦ ରେ ସାତଭିକ ପ୍ରଧାନ ୧ମ



ସ୍ଥାନ,କନିଷ୍ଠ ବର୍ଗ ରେ ଉଦ୍ଭିଦର ଭୂମିକା ପ୍ରିୟା ସାହୁ ,ଓଜନ ମାପ ରେ ସ୍ମୃତି ସାକ୍ଷରା ପ୍ରଧାନ ,ଶିଶୁ ବର୍ଗ (୪ର୍ଥ ଓ ୫ମ )ସରଳ ଯନ୍ତ୍ର ଉପରେ ଆଧାରିତ ପ୍ରକଳ୍ପ ରେ ଅଭିଲିପ୍ସା ସ୍ୱାଇଁ, ପ୍ରାଥମିକ ଚିକିତ୍ସାରେ ସ୍ୱୟଂଶ୍ରୀ ସାହୁ ,ପଦାର୍ଥ ର ବିଭିନ୍ନ ଅବସ୍ଥା ଉପରେ ଆଧାରିତ ପ୍ରକଳ୍ପ ରେ ଅଙ୍କିତା ପରିଡ଼ା , ପରିବେଶ ପ୍ରଦୂଷଣ ଓ ଏହାର ପ୍ରକାର ଭେଦ ରେ ତୁଷାର ଜେନା ,ନୂତନ ପ୍ରୟୋଗରେ ରଶ୍ମିରଞ୍ଜନ ସାମନ୍ତରାୟ ,ଗଣିତ ପ୍ରକଳ୍ପ ରେ ଚାରି ଗାଣିତିକ ପ୍ରକିୟାରେ ସାଇ ସତ୍ୟମ ପ୍ରଧାନ, ମାପ ଓ ମୁଦ୍ରା ସମ୍ବନ୍ଧୀୟ ଜ୍ୟାମିତିକ ଆକୃତି ପ୍ରକଳ୍ପରେ ଦେବାଂଶୀ ପାଣି ୧ମ ସ୍ଥାନ ଅଧିକର କରିଥିଲେ । ବାଲବର୍ଗ ( ୬ଷ୍ଠ ,୭ମ ,୮ମ ) ବିଜ୍ଞାନ ପ୍ରକଳ୍ପ ଘର୍ଷଣ ର ଶତ୍ରୁ ଓ ମିତ୍ର ଉପରେ ଆଧାରିତ ପ୍ରକଳ୍ପରେ ପ୍ରୀତି ପଲକ ମହାପାତ୍ର , ଗଣିତରେ ସମବହୁଭୂଜ ଉପରେ ଆଧାରିତ ପ୍ରକଳ୍ପ ରେ ଅନନ୍ୟା ଅନୁରକ୍ତା ନାୟକ ,କିଶୋର ବର୍ଗ ୯ମ ଓ ୧୦ମ ଶ୍ରେଣୀ ରେ ବିଜ୍ଞାନ ପ୍ରକଳ୍ପ ଗତି ଉପରେ ଆଧାରିତ ପ୍ରକଳ୍ପ ସ୍ୱାତୀ ସ୍ୱାଗତିକା ପରିଡ଼ା , ଗଣିତରେ ଉପପାଦ୍ୟ କୁ ପ୍ରମାଣ କରୁଥିବା ପ୍ରକଳ୍ପରେ ଶ୍ରୀୟାଂଶି ବିଶ୍ୱାଳ, ନିବନ୍ଧ ପ୍ରତିଯୋଗିତା ରେ ବନ୍ଦେ ମାତରଂ ୧୫୦ ବର୍ଷ ଶୀର୍ଷକରେ ଶ୍ରିମାଲ୍ୟା ଦିବ୍ୟାଂଶି ସ୍ୱାଇଁ ,ବାଲବର୍ଗ ନିବନ୍ଧ ପଞ୍ଚ ପରିବର୍ତ୍ତନ - ପର୍ଯ୍ୟାବରଣ ପରିପ୍ରେକ୍ଷୀରେ ଦେବସ୍ମିତା ଜେନା ,କିଶୋର ବର୍ଗ ମୂର୍ତ୍ତି କଳାରେ ସାଇ ସମ୍ବିତ୍ ସେଠୀ ଓ ବାଲ ବର୍ଗ ମୂର୍ତ୍ତି କଳାରେ ଓମ୍ ପ୍ରକାଶ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିଲେ ।ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷାବିତ୍ ଓ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଚିତ୍ତରଞ୍ଜନ ଜେନା,ସମ୍ପାଦକ କିଶୋର ପ୍ରଧାନ,ସହ ସମ୍ପାଦକ ଶରତ କୁମାର ବାରିକ୍,ଅତିଥି ଭାବେ ଯୋଗ ଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ଜ୍ଞାନ ବିଜ୍ଞାନ ମେଳା ଉପରେ ଅଭିଭାଷଣ ପ୍ରଦାନ କରିବା ସହ ପୁରସ୍କାର ବିତରଣ କରିଥିଲେ। ଆଚାର୍ଯ୍ୟ ସର୍ବ ?ଶ୍ୱର ବାରିକ୍ ଅତିଥି ପରିଚୟ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଟୁକୁନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ବନ୍ୟାଂଚଳ ପରିଦର୍ଶନ

ବଲାଙ୍ଗିର,୨।୮ :(ମନ୍ଥନ)ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ପୁଇଁନ୍ତଲା ବ୍ଲକ କଂଗ୍ରେସ ର ପୂର୍ବତନ ସଭାପତି ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏବଂ ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ଏକ ପ୍ରତିନିଧି ମଣ୍ଡଳି ପୁଇଁନ୍ତଲା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ବନ୍ୟା ପ୍ରପିଡିତ ଅଂଚଳ ଏବଂ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଘଟଣା ସ୍ଥଳକୁ ଯାଇ ବର୍ଷା ବିପ୍ରାତ ଯୋଗୁଁ ଋଷୀଙ୍କ ନାହିଁ ନ ଥିବା କ୍ଷୟକ୍ଷତି ଦେଖି ଏବଂ ଲଗାଣ ବର୍ଷାରେ ଘରମାନେ ବ୍ୟାପକ ପରିମାଣରେ ପଡିଯାଇ ଚୁରମାର ହୋଇଯାଇଥିବା ଦେଖି ଜନସାଧାରଣଙ୍କ ସହ ବିସ୍ତୃତ ବିଋର ବିମର୍ଷ କରିବା ସହ ଘଟଣା ସ୍ଥଳରୁ ପୁଇଁନ୍ତଲା ବ୍ଲକ ତହସିଲଦାର ଶ୍ରୀଯୁକ୍ତ ବର୍ଗେଙ୍କ ସହ ଫୋନମାଧ୍ୟମରେ କଥା ହୋଇ କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ମଣ୍ଡଳି ତରଫରୁ ଆଲୋଚନା କରାଯାଇଥିଲା । ତହସିଲଦାର ଶ୍ରୀ ବର୍ଗେ ଖୁବ ଶିଘ୍ର ସମସ୍ତ ରାଜସ୍ୱ ନୀରିକ୍ଷକ ଏବଂ ସମସ୍ତ କର୍ମଋରୀ ମିଶି କ୍ଷୟକ୍ଷତି ଆକଳନ କରିବା ସହ ତୁରନ୍ତ କ୍ଷତିପୁରଣ ଯୋଗାଇଦେବା ପାଇଁ ପ୍ରତିଶୃତି



ଦେଇଥିଲେ । ପ୍ରତିନିଧି ମଣ୍ଡଳି ତରଫରୁ ବଇଁରାସର ରେ କିଛି ଋଷୀଙ୍କ ସହ ବାର୍ତ୍ତାଳାପ ପରେ ସାରର ଘୋର ଅଭାବ ତଥା ଚଢା ଦରରେ ଋଷୀମାନେ କ୍ରୟ କରୁଛନ୍ତି ବୋଲି କମିଟି ପାଖରେ ଜଣାଇଥିଲେ । ପରେ ଖଲିଆପାଲି ପଂଚାୟତ ପୂର୍ବତନ ସମିତି ସଭ୍ୟ ପ୍ରେମ ମହାକୁରଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଋରି ବୁଝିଥିଲେ । ଉକ୍ତ ପ୍ରତିନିଧି ମଣ୍ଡଳିରେ ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ଯୁବ ନେତା ହରି ନେତା, ଲଳିତ ପଟେଲ, ଅଚ୍ୟୁତ ପଲତା, ସଂଜିବ କ୍ଷେତି ପ୍ରମୁଖ ଉପସ୍ଥିତ ଥିବା ବେଳେ କ୍ଷତିଗ୍ରସ୍ତ ଋଷୀମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଡାଙ୍ଗ, ମଧୁ କାଲସାଏ, ପ୍ରହଲ୍ଲାଦ ମହାକୁର, ମଦନ କର୍ମୀ, ହିରା ଷାଣ୍ଢ, ଖେତ୍ରୁ କାଲସାଏ, ଜଗଦିଶ ନାଏକ, ସତ୍ୟନାରାୟଣ ମହାକୁର, ସର୍ବେଶ୍ୱର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୭ ଦିନ ଭିତରେ ସମସ୍ତ କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ନ ଦେଲେ ତିବ୍ରତର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାଇ ଦିଆଯାଇଛି ।

# ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ଉପରେ ତାଲିମ୍

ବଲାଙ୍ଗୀର,୨।୮ :(ମନ୍ଥନ)ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗୀର ବ୍ଲକ୍ ର ତୁଷୁରାବାହାଲ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗୀର ବ୍ଲକ୍ ର ୯ ଗୋଟି ପଂଚାୟତ ର ୱାର୍ଡ ମେମ୍ବର ମାନଙ୍କର ଏକ ପଞ୍ଚାୟତ ବିକାଶ ପାଣ୍ଠି ଉପରେ ତାଲିମ ଅଭିଜିତ୍ ପଣ୍ଡା, କାର୍ଯ୍ୟକ୍ରମ ପରିଚାଳକ, ଜିଲ୍ଲା ପରିଷଦ, ବଲାଙ୍ଗିର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ବ୍ଲକ୍ ସଂଯୋଜିକା ସସ୍ମିତା ସାହୁ ତାଲିମ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ଉପରେ ଜଣାଇଥିଲେ ।ଏହି ତାଲିମ କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ୍ ସରକାରଙ୍କର ଶିଶୁ ଅନୁକୂଳ ପଞ୍ଚାୟତ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ପ୍ରତି ୱାର୍ଡ କୁ ଏକ ୟୁନିଟ ଭାବେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯକଲେ ଥିମ ୩ ର ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଜଣାଇଥିଲେ ।ଏତଦ୍ ବ୍ୟତୀତ ହରିବନ୍ଧୁ ରାଉତ୍ କିଶୋର ନ୍ୟାୟ ଆଇନ୍ ଉପରେ ଜଣାଇଥିଲେ ।କାର୍ଯକ୍ରମରେ ତୁଷୁରାବାହାଲ ସରପଞ୍ଚ ଦନାରଦନ ମହାପାତ୍ର , ଯୋଗାଣ ସହାୟକ ସୁସ୍ମିତା ପଧାନ,ପଂଚାୟତ ନିର୍ବାହୀ ଅଧିକାରୀ ବଲ୍ଲବି ବରିହା ଏହି କାର୍ଯକ୍ରମ ସଫଳ ରୂପାୟନ ପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିର ତାଲିମ ରେ ଉପସ୍ଥିତ ଥିଲେ ।ପରିଶେଷରେ ସରପଞ୍ଚ ଦନାରଦନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

# ଜଳେଶ୍ୱର ପୌରାଞ୍ଚଳରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

ଜଳେଶ୍ୱର,୨।୮ :(ମନ୍ଥନ)ଜଳେଶ୍ୱରପୌରାଞ୍ଚଳ ଅଧୀନ ୯ ୱାର୍ଡରେ ଠିପି ବନ୍ଦ ମଦ ଦୋକାନ ଦୀର୍ଘଦିନ ଧରି ଚାଲି ଆସୁଥିଲା ଢ଼ ସରକାରଙ୍କ ଟେଣ୍ଡର ଅନୁସାରେ ଲକ୍ଷ୍ମଣନାଥ ପଞ୍ଚାୟତରେ ଖୋଲା ଯିବା ପାଇଁ ନିଷ୍ପତ୍ତି ନ ନେଇ ଜଳେଶ୍ୱର ପୌର ପରିଷଦ ଅଧୀନ ପଞ୍ଚୁଘଣ୍ଟା ୯ ୱାର୍ଡରେ ପୂର୍ବ ଭଳି ମଦ ଦୋକାନ ଖୋଲିବା ନେଇ ସରକାର ଅନୁମତି ଦେଇଛନ୍ତି । କିନ୍ତୁ ନିକଟବର୍ତ୍ତୀ ଅଞ୍ଚଳରେ ଘରୋଇ ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ଥିବା ବେଳେ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଲକ୍ଷ୍ମଣନାଥ ପଞ୍ଚାୟତ ରେ ମଦ କାଉଣ୍ଟର ଖୋଲିବା ଲାଗି ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଶିକ୍ଷାନୁଷ୍ଠାନର ୫୦୦ ମିଟର ଭିତରେ ନିଶା ମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି ।ସେହି ଅଞ୍ଚଳରେ ମଦ ଦୋକାନ ଖୋଲା ନ ଯିବା ପାଇଁ ନିର୍ଦ୍ଦେଶ ନାମା ଥିବା ବେଳେ ଏହି କ୍ଷେତ୍ରରେ ସେହି ନିର୍ଦ୍ଦେଶକୁ ଜଳାଞ୍ଜଳି ଦିଆ ଯାଇଛି ବୋଲି ଉପସ୍ଥିତ ସମାଜସେବୀ ଓ ଲୋକ ପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି ।ଏହି ସମସ୍ୟା ସମ୍ପର୍କରେ ଜଳେଶ୍ୱର ଆଇଆଇସି, ଏସ୍ ?ଡିପିଓ, ନଗରପାଳ, ବିଡିଓ, ତହସିଲଦାର, ଅବକାରୀ ବିଭାଗ, ଜଳେଶ୍ୱର ବିଧାୟକ, ବାଲେଶ୍ୱର ସାଂସଦ,ବାଲେଶ୍ୱର ଜିଲ୍ଲାପାଳ,ଓଡ଼ିଶାର ମୁଖ୍ୟମନ୍ତ୍ରୀ,ମହାମହିମ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମହମହିମ୍ ରାଷ୍ଟ୍ରପତିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।ପୌର ପରିଷଦର ୯ ନମ୍ବର କାଉନ୍ ?ସିଲର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ୬ନଂ ୱାର୍ଡ କାଉନସିଲର ଚନ୍ଦନ ଦାସ, ମୋନାର ଜଳେଶ୍ୱର ଶାଖା ସଭାପତି ଅଶୋକ କୁମାର ଜେନା, ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀ, ସମାଜସେବୀ ଦୀପକ ପାତ୍ର, ଦୁର୍ଗାଶଙ୍କର ଆସ, ବିଧାୟକ ଟାଉନ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର ,ଅବସରପ୍ରାପ୍ତ ରେଳ ବିଭାଗ ଅଧିକାରୀ ଜଳଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ମଦଦୋକାନ ସ୍ଥାନାନ୍ତର ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ।

# କୋଇଲା ବୋଝେଇ ଟ୍ରକ ଧକ୍କାରେ ବୃଦ୍ଧ ଗୁରୁତର ଆହତ

କୋଇଡା,୨।୮ :(ମନ୍ଥନ) କୋଇଡା ଥାନା ଅନ୍ତର୍ଗତ ୫୨୦ ନଂବର ଜାତୀୟ ରାଜପଥ ର କୁସୁମଡ଼ିହି ଛକ ନିକଟରେ ଶନିବାର ସନ୍ଧ୍ୟା ରେ ଦୁର୍ଘଟଣା ଘଟି ସାନିକା ମୁଣ୍ଡା(୫୫) ଗୁରୁତର ଆହତ ହୋଇଛନ୍ତି ଓ ମିଳିଥିବା ସୂଚନା ଅନୁଯାଇ ସାନିକା ଶନିବାର ହାଟ ରୁ ଫେରୁଥିବା ସମୟରେ କମଣ୍ଡ ସ୍ଥିତ ରୁଂଟା ଷ୍ଟିଲ କାରଖାନା କୁ ଆସୁଥିବା କୋଇଲା ବୋଝେଇ ଟ୍ରକ ଓଡି୦୫ଏପି ୪୫୫୭ନଂବର ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ ଓ ପୋଲିସ ସାହାଯ୍ୟରେ ତାଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣାଯାଇଥିଲା ।ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ରୁ ଡାକ୍ତର ରାଉରକେଲା ଏକ ଘରୋଇ ଡାକ୍ତରଖାନା କୁ ସ୍ଥାନାନ୍ତର କରିଥିଲେ । କୋଇଡା ପୋଲିସ ଟ୍ରକ ଏବଂ ଡ୍ରାଇଭର କୁ ଅଟକ ରଖି ତଦନ୍ତ ଜାରୀ ରଖିଛି । ବେଆଇନ ପାର୍କିଙ୍ଗ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନୀ ଘଟୁଥିବା ଯୋଗୁ ପ୍ରଶାସନ ପାଇଁ ଏହା ମୁଣ୍ଡ ବ୍ୟଥା ର କାରଣ ପାଲଟିଛି ।

# ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ ହେଲେ ସୁବାସୀନୀ ପଟ୍ଟନାୟକ

ବ୍ରହ୍ମପୁର,୨।୮ :(ମନ୍ଥନ)ବ୍ରହ୍ମପୁର ସହରର ସୁପରିଚିତ ମହିଳା କଂଗ୍ରେସ ନେତ୍ରୀ ସୁବାସିନୀ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲ୍ଲା (ପୂର୍ବ) ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ନିଯୁକ୍ତ କରାଯାଇଛି । ସର୍ବ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଅଳକା ଲାମ୍ବାଙ୍କ ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଗଞ୍ଜାମ ଜିଲ୍ଲା(ପୂର୍ବ) ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ସୁବାସିନୀ ପଟ୍ଟନାୟକଙ୍କୁ ନିଯୁକ୍ତ କରିଛନ୍ତି । ଏଥିପାଇଁ ଶ୍ରୀମତୀ ପଟ୍ଟନାୟକ ଓଡିଶା କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ, ଓଡିଶା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଓ ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ)ରଶ୍ମି ରଞ୍ଜନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ସମସ୍ତଙ୍କ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ପୂର୍ବରୁ ବ୍ରହ୍ମପୁର ମହାନଗର ସଭାପତି ଏବଂ ଓଡିଶା ରାଜ୍ୟ ମାନବାଧିକାର ସେଲର ସାଧାରଣ ସମ୍ପାଦିକା ଦାୟିତ୍ୱ ମଧ୍ୟ ତୁଲାଇ ଥିବା ବେଳେ, ଏହି ଦାୟିତ୍ୱକୁ ମଧ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ସଫଳତାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଏହାସହ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ମହିଳା ଓ ନାରୀ ଅସମ୍ମାନ ଓ ସୁରକ୍ଷା ବ୍ୟବସ୍ଥା ସମସ୍ୟା ନେଇ ମହିଳା ମାନଙ୍କ ସହଯୋଗରେ ସମସ୍ତ ସ୍ୱର ଉଠାଇବା ସହ ଦକ୍ଷ ବିରୋଧୀ ଦଳର ନେତ୍ରୀ ରୂପେ କାର୍ଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏନେଇ ତାଙ୍କୁ ଦଳର ବିଭିନ୍ନ କାର୍ଯ୍ୟ ମାନଙ୍କ ଠାରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ବୁଗୁଡ଼ା,୨।୮ :(ମନ୍ଥନ) ବୁଗୁଡ଼ା ବ୍ଲକ କରଚୁଲି ଗ୍ରାମର ଜନୈକ ଚାଷୀ ବିଷଧର ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି କ୍ଷ ମୃତ ଚାଷୀ ହେଲେ କରଚୁଲି ଗ୍ରାମର ସନ୍ତୋଷ କୁମାର ପୋଲେଇ(୫୨) କ୍ଷ ସନ୍ତୋଷ ନିଜ ଚାଷଜମିରେ କାମ କରୁଥିବା ସମୟରେ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବୁଗୁଡ଼ା ମେଡିକାଲକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ କ୍ଷ ତାଙ୍କର ମୃତ ଶରୀର ଗାଁ ରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଚାଷୀଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ହିଁ ପରିବାରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ କ୍ଷ ତାଙ୍କର ବିଧବା ସ୍ତ୍ରୀ, ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି କ୍ଷ ଏହି ଚାଷୀ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିବା ଜଣାଯାଇଛି ।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ କୁମ୍ଭିରଗାଡିଆରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ

ଯାଜପୁର,୨।୮ :(ମନ୍ଥନ) ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ଜିନ୍ଦଲ ଷ୍ଟେନଲେସ୍‌ର ସିଏସ୍ଆର ଶାଖା ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଯାଜପୁର ଜିଲ୍ଲାର କୁମ୍ଭୀରଗଡ଼ିଆ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଶିବିରରେ ଟିକର, କୁମ୍ଭୀରଗଡ଼ିଆ, ଜଗାଡିହି ଏବଂ ଦାମୋଦରପୁର ଅଞ୍ଚଳର ପ୍ରାୟ ୩୧୦ ଜଣ ଗ୍ରାମବାସୀ ମାଗଣାରେ ସମନ୍ୱିତ ସ୍ୱାସ୍ଥ୍ୟସେବାର ସୁବିଧା ପାଇଥିଲେ। ଶିବିରରେ ଗ୍ରାମବାସୀଙ୍କୁ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ, ନିଦାନାତ୍ମକ ଲାବରେଟୋରୀ ପରୀକ୍ଷା ଏବଂ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା, ଯାହା ଫଳରେ ସେମାନେ ନିଜ ଘର ନିକଟରେ ହିଁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିଥିଲେ। ଜେନେରାଲ ମେଡିସିନ୍, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ଏବଂ ଚକ୍ଷୁ ରୋଗ ବିଭାଗର ଚାରିଜଣ ବିଶେଷଜ୍ଞ ଡାକ୍ତରଙ୍କ ସହ ଅଭିଜ୍ଞ ପାରାମେଡିକାଲ୍ କର୍ମଚାରୀମାନେ ବିଭିନ୍ନ ବୟସ ବର୍ଗର ରୋଗୀଙ୍କୁ ପରାମର୍ଶ, ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ପଦକ୍ଷେପ ଜିନ୍ଦଲ ଷ୍ଟେନଲେସ୍ ?ର 'ନିରାମୟ' ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ସୁବିଧାକୁ ସୁଦୃଢ଼ କରିବା ଏବଂ କମ୍ପାନୀର ଆଖପାଖ ଅଞ୍ଚଳର ସମୁଦାୟମାନଙ୍କ ମୌଳିକ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ପରିଚାଳିତ ହେଉଛି। ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ହସ୍ତକ୍ଷେପ ମାଧ୍ୟମରେ କମ୍ପାନୀ ସ୍ଥାନୀୟ ସମୁଦାୟର ସ୍ୱାସ୍ଥ୍ୟ ଓ କଲ୍ୟାଣ ବୃଦ୍ଧି ପାଇଁ ନିରନ୍ତର କାର୍ଯ୍ୟ କରୁଛି। ସମ୍ପ୍ରଦାୟ ସ୍ୱାସ୍ଥ୍ୟ ପ୍ରତି କମ୍ପାନୀର ଦାୟିତ୍ୱବୋଧ ବିଷୟରେ ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ୍ ?ରେ ସମୁଦାୟର କଲ୍ୟାଣ ଆମର ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଦୃଷ୍ଟିକୋଣର ଏକ ଅଭିନ୍ନ ଅଂଶ। 'ନିରାମୟ' ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ପଡ଼ ?ଶୀ ସମୁଦାୟମାନଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ପହଞ୍ଚ ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟସେବାର ମୁଖ୍ୟ ଅଭାବଗୁଡ଼ିକୁ ଦୂର କରିବା ପାଇଁ ପ୍ରତିବଦ୍ଧ। ଏହି ଶିବିରର ସଫଳତା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ଗୁରୁତ୍ୱକୁ ପୁଣିଥରେ ପ୍ରମାଣିତ କରିଛି ଏବଂ ଆଗାମୀ ଦିନରେ ମଧ୍ୟ ସମୁଦାୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଓ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଥିବା ପଦକ୍ଷେପଗୁଡ଼ିକରେ ଆମେ ନିବେଶ ଜାରି ରଖିବୁ।" ନିଜର ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ ଜିନ୍ଦଲ ଷ୍ଟେନଲେସ୍ ହୁଡିସାହି, ଦାନଗଦିରେ ଅବସ୍ଥିତ ତାହାର ଷ୍ଟାଟିକ୍ ହେଲ୍ଥ କ୍ଲିନିକ୍ ମାଧ୍ୟମରେ ଆଖପାଖର ୧୫ଟି ଗ୍ରାମକୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ଏହା ସହିତ ମୋବାଇଲ୍ ହେଲ୍ଥକେୟାର ୟୁନିଟ୍ ନିୟମିତ ଭାବେ ଦୁର୍ଗମ ଅଞ୍ଚଳରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। କମ୍ପାନୀ ବର୍ଷ ସାରା ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ବିଷୟକ ସଚେତନତା ଅଭିଯାନ ମଧ୍ୟ ଆୟୋଜନ କରୁଛି। ଏହା ପୂର୍ବରୁ ସୁକିନ୍ଦା ବ୍ଲକର ବାମ୍ବିଲୋ ଏବଂ ଦାମୋଦରପୁର ଗ୍ରାମରେ ଆୟୋଜିତ ସମାନ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ପ୍ରାୟ ୭୦୦ ଜଣ ଗ୍ରାମବାସୀ ଉପକୃତ ହୋଇଥିଲେ। ସ୍ୱାସ୍ଥ୍ୟ ଶିବିରକୁ କୁମ୍ଭୀରଗଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ବିନୋଦ କୁମାର ଦଳେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରତିନିଧି ଶ୍ରୀ ଲକ୍ଷ୍ମୀବଲ୍ଲଭ ସାମଲ, ଶ୍ରୀ ପ୍ରଶାନ୍ତ କୁମାର ଜେନା ଓ ଶ୍ରୀ ବଳରାମ ଆଇଚ, ଏବଂ ଜିନ୍ଦଲ ଷ୍ଟେନଲେସ୍ ?ର ସିଏସ୍ଆର ବିଭାଗର ଶ୍ରୀ ସୁକାନ୍ତ ରଥ ଉପସ୍ଥିତ ଥିଲେ। କୁମ୍ଭୀରଗଡ଼ିଆର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟାମାନେ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ପରିଚାଳିତ ଟେଲରିଂ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନିୟମିତ ସ୍ୱାସ୍ଥ୍ୟ ଶିବିର, ଷ୍ଟାଟିକ୍ କ୍ଲିନିକ୍, ମୋବାଇଲ୍ ହେଲ୍ଥକେୟାର ୟୁନିଟ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ତାହାର ଆଖପାଖ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗୁଣାତ୍ମକ ଚିକିତ୍ସା ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଛି।

# ପାଣି ଘେରରେ ଡେଲାଙ୍ଗ ବ୍ଲକର ମଳିଗାଁ

ଡେଲାଙ୍ଗ,୨।୮ :(ମନ୍ଥନ)ଦୟା ନଦୀର ବନ୍ୟା ପାଣି ଏବେ କଂଟିଓ ଭାରତୀପୁର କାଜ ଦେଇ ଡେଲାଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ପ୍ରବେଶ କରିଛି । ଡେଲାଙ୍ଗ ବ୍ଲକ ସିଂହବ୍ରହ୍ମପୁର ପଂଚାୟତର ମଳିଗାଁ ଏବେ ବନ୍ୟା ପାଣି ଘେରରେ ରହିଥିବା ବେଳେ ଏହି ଗାଁ ବାହ୍ୟ ଜଗତ ରୁ ବିଚ୍ଛିନ୍ନ ହୋଇଛି । ଏହି ବନ୍ୟା ପାଣି ପାଇଁ ମଳିଗାଁର ୨୪୦ ପରିବାରର ୧୧୪୦ଜଣ ବ୍ୟକ୍ତି ପାଣି ଭିତରେ ଫସି ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । କିନ୍ତୁ ଏହି ଗାଁ କୁ ଯିବା ପାଇଁ ଯାତାୟତ ପୁରା ବାଧାପ୍ରାପ୍ତ ହୋଇଛି । ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ବିଡିଓ ସମୀର କୁମାର ବେହେରା କହିଛନ୍ତି । ଶନିବାର ସୁଦ୍ଧା ଡେଲାଙ୍ଗ ବ୍ଲକର ସିଂହବ୍ରହ୍ମପୁର ମଳିଗାଁ ,ଚାଇଁପୁର,ଖଡାଗୋଇ,ଉତରବାଡ,ଗଡମୋଟୋରୀ ଗଣ୍ଡପଡା ଓ ସାଉରିଆ ପଂଚାୟତ ର ବିଭିନ୍ନ ଗାଁ ଗହୀରେ ବନ୍ୟା ଜଳ ପ୍ରବେଶ କରିଥିବା ସୁଚନା ମିଳିଛି । ଆଗକୁ ଡେଲାଙ୍ଗ ବ୍ଲକରେ ଏହି ସଂଖ୍ୟା ବୃଦ୍ଧି ପାଇବା ସହ ଅନେକ ପଂଚାୟତକୁ ବନ୍ୟା ଜଳ ପ୍ରବେଶ କରିବ । ବନ୍ୟା ଜଳ ପ୍ରବେଶ କରିବା ଦ୍ୱାରା ଧାନ ତଳି ସମେତ ରୁଆ ଧାନ ଏବଂ ଫସଲ ପୁରା ପାଣିରେ ବୁଡି ନଷ୍ଟ ହୋଇଛି । ଚାଷି ଏବେ ଚିନ୍ତାରେ । ଅନ୍ୟପଟେ ବିଧାୟକ ଅଶ୍ରିତ୍ ପଟ୍ଟନାୟକ ,ମଣ୍ଡଳ ଉନ୍ନୟନ ଅଧିକାରୀ ସମୀର କୁମାର ବେହେରା,ତହସିଲାଦାର ଦେବୀ ପ୍ରସାଦ ଆଚାର୍ଯ୍ୟ,ଅତିରିକ୍ତ ତହସିଲଦାର ରାଜେନ୍ଦ୍ର କୁମାର ମହାରଣା ସମେତ ସମସ୍ତ ଅଧିକାରୀ ମାନେ ଡେଲାଙ୍ଗ ବ୍ଲକରେ ବନ୍ୟା ଜଳ ଘେରରେ ଥିବା ଗାଁ ଗୁଡିକ ପରିଦର୍ଶନ କରିଛନ୍ତି ।

# ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ଉତ୍ସବ ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ୫୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ପାଇବେ କଳିଙ୍ଗ ରତ୍ନ ସମ୍ମାନ ୨୦୨୬



ଅସ୍ତରଙ୍ଗ,୨।୮ :(ମନ୍ଥନ)ଅସ୍ତରଙ୍ଗ ପ୍ରେସ କ୍ଲବର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ଉତ୍ସବକୁ ସଫଳ ଓ ସ୍ମରଣୀୟ କରିବା ଲକ୍ଷ୍ୟରେ ଗତକାଲି ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ, ଅତିଥି ଅଭ୍ୟର୍ଥନା, ସମ୍ମାନ ପ୍ରଦାନ, ସାଂସ୍କୃତିକ ପରିବେଷଣ ଏବଂ ସାମଗ୍ରିକ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ବୈଠକରେ ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ାଙ୍କ ସମେତ ଉପସଭାନେତ୍ରୀ ମମତା ଜେନା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଅନିଲ କୁମାର ବାରିକ, ସହ ସମ୍ପାଦକ ତ୍ରିଲୋଚନ ବେହେରା, କୋଷାଧ୍ୟକ୍ଷ ପ୍ରିୟବ୍ରତ ମୁଦୁଲି, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଜେନା, ଦେବବ୍ରତ ବିଶ୍ୱାଳ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ କ୍ଷେତ୍ରରୁ ସାମାଜିକ ସେବା, ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, କଳା, ସଂସ୍କୃତି, ଚିକିତ୍ସା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୫୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ଅସ୍ତରଙ୍ଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡା କହିଛନ୍ତି ଯେ, ଏହି ରାଜ୍ୟସ୍ତରୀୟ ଉତ୍ସବରେ ଓଡ଼ିଶାର ବହୁ ମନଗଣ୍ୟ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବେ। ଉତ୍ସବକୁ ଭବ୍ୟ ଓ ସଫଳ କରିବା ପାଇଁ କ୍ଲବର ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

# ୨ ଦେଶୀ ବନ୍ଧୁକ ଓ ଚୋରା ମଦ ଜବତ କଲା ପୁଲିସ

ଖଣ୍ଡପଡା, ୨।୮ :(ମନ୍ଥନ)ବନ୍ଧୁକ ଓ ଚୋରା ମଦ କାରବାରରେ ଲିପ୍ତ ଥିବା ଅଭିଯୋଗରେ ଖଣ୍ଡପଡା ବ୍ଲକ ଅଧୀନ ସିଙ୍ଗାପଡା ପଞ୍ଚାୟତ କନ୍ଧ ନୂଆଗାଁର ରଘୁନାଥ ପ୍ରଧାନ (୬୦) ଓ ସୁକାନ୍ତ ପ୍ରଧାନ (୨୩)ଙ୍କୁ କୋର୍ଟଚାଲାଣ କରିଛି ସ୍ଥାନୀୟ ପୁଲିସ । ଆଜି ପୂର୍ବାହ୍ନରେ ଏସଡିପିଓ ସରୋଜ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସକୁ ଏହି ସଫଳତା ମିଳିଛି । ଥାନାଧିକାରୀ ଶ୍ରୀ ହରିଚନ୍ଦନଙ୍କ ସୂଚନା ଅନୁଯାୟୀ ଆଜି ସକାଳେ ଏସଆଇ ମନସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ଟିମ ଚୋରା ମଦ କାରବାର ଅଭିଯୋଗରେ ରଘୁନାଥଙ୍କ ଘରେ ଚଢାଉ କରିଥିଲା । ଚଢାଉ ବେଳେ ୨୦ ଲିଟର ଦେଶୀ ମହୁଲି ମଦ ସହିତ ଚୋରା ଦେଶୀ ବନ୍ଧୁକ ମିଳିଥିଲା । ପରେ ପୁଲିସ ପକ୍ଷରୁ ଆର୍ମସ ଆକ୍ଟର ଧାରା ୨୫ ଅନୁଯାୟୀ ମାମଲା ରୁଜୁ କରି ବାପପୁଅଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ କନେଷ୍ଟବଳ ରାଘବ ବଢେଇ, ପୀତବାସ ସାହୁ, ହୋମଗାର୍ଡ କୃଷ୍ଣଚନ୍ଦ୍ର ସାହୁ ଓ ଟିମ ସାମିଲ ଥିବା ସୂଚନା ମିଳିଛି ।

# କୁମୁଣ୍ଡି ମାଳବନ୍ଧରେ ଭାସିଗଲା ସ୍ଲୁଇସ ଗେଟ

ଖଣ୍ଡପଡା,୨।୮ :(ମନ୍ଥନ)ଖଣ୍ଡପଡା ବ୍ଲକ କୁମୁଣ୍ଡି ଠାରୁ ସିଧାମୂଳାକୁ ସଂଯୋଗ କରୁଥିବା ପ୍ରାୟ ୩ କିମି ମାଳବନ୍ଧରେ ଥିବା ଏକ ସ୍ଲୁଇସ ଗେଟ ଭାଙ୍ଗିଯିବା ସହିତ ପାଣିରେ ଭାସିଯାଇଛି । ଆଜି ପୂର୍ବାହ୍ନରେ ସମ୍ପୃକ୍ତ ଗେଟଟି ଭାସିଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଫଳରେ ମହାନଦୀ ଅବବାହିକାରେ ଥିବା ଏକାଧିକ ଚାଷୀଙ୍କ ପନିପରିବା ଓ ମକା ଫସଲ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି । ରତନପୁର ଗ୍ରାମର ଚାଷୀ ପ୍ରକାଶ ଚନ୍ଦ୍ର ରାଉତ ଏବଂ ବଳରାମ ପାଢୀ ସ୍ଲୁଇସଗେଟ ଭାଙ୍ଗିବା ଯୋଗୁଁ ଲକ୍ଷାଧିକ ଟଙ୍କାର ଫସଲ କ୍ଷତିର ଅଭିଯୋଗ ମଧ୍ୟ ଆଣିଛନ୍ତି । କଣ୍ଟିଲୋ ସେକ୍ସନରେ କାର୍ଯ୍ୟରତ ଅଧିକାରୀଙ୍କ ଠିକାଦାରି ପ୍ରୀତି ଯୋଗୁଁ ଏଭଳି ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିବା ବେଳେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କୁ ମରାମତି ଦାୟିତ୍ୱ ଦେଇ ବିଭାଗ ଆଖିବୁଜିଦେଇଥିବା ବେଳେ ହନ୍ତସନ୍ତ ହୋଇଛନ୍ତି ଶହ ଶହ ଚାଷୀ । ଜିଲ୍ଲା ପ୍ରଶାସନ ଆଖିରୁ ଉକ୍ତ ସ୍ଲୁଇସ ଗେଟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସ୍ଥାନୀୟ ଚାଷିକୁଳ ଦାବି କରିଛନ୍ତି ।

ସୋମବାର ୦୩ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Monday 03 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ବିଳମ୍ବିତ ନ୍ୟାୟ

୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାମଲା ସଂଖ୍ୟା ଅଧିକ ରହିବା ସ୍ୱାଭାବିକ। ଦ୍ୱିତୀୟରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ। ଗୋଟିଏ ଗୋଟିଏ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି। ହେଲେ ଦୋଷୀଙ୍କ ବିରୋଧରେ ଚାର୍ଜଫ୍ରେମ ପ୍ରସ୍ତୁତ ହୋଇପାରୁନାହିଁ। ତଦନ୍ତକାରୀ ଅଧିକାରୀ ବଦଳି ହୋଇ ଚାଲିଯାଉଛନ୍ତି, ଅବସର ନେଇଗଲେ ମଧ୍ୟ ତଦନ୍ତ ସରୁନାହିଁ। ଆଉ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ବିୟୋଗ ହୋଇଗଲେ ମଧ୍ୟ ମାମଲା ସରୁନାହିଁ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ଉତ୍ତରପ୍ରଦେଶର ଏକ କୋର୍ଟ ଏକ ଗଣହତ୍ୟା ମାମଲାରେ ୩ଜଣଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ୪୪ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ୧୯୮୧ରେ ଏହି ଗଣହତ୍ୟା ଘଟିଥିଲା। ଏଥିରେ ସମ୍ପୃକ୍ତ ୧୪ଜଣ ଅଭିଯୁକ୍ତ ସ୍ୱାଭାବିକ ମୃତ୍ୟୁ ବରଣ କରି ସାରିଲେଣି। ଅବଶିଷ୍ଟ ୩ଜଣ ବାର୍ଦ୍ଧକ୍ୟରେ ଉପନୀତ । ସେମାନଙ୍କୁ ଫାଶୀ ଦେବାର ମାନେ କିଛି ନାହିଁ। ଉପରକୋର୍ଟରେ ସେମାନେ ଖସି ଯାଇପାରନ୍ତି। ହାଇକୋର୍ଟ ପରେ ସୁପ୍ରିମକୋର୍ଟ ରହିଛି। ସମ୍ଭବତଃ ଫାଶୀ ଦଣ୍ଡାଦେଶ କାର୍ଯ୍ୟକାରୀ ହେବାକୁ ଆଉ ୧୦ ବର୍ଷ ଲାଗିଯାଇପାରେ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ଏଭଳି ଏକ ମାମଲା ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା। ଏଥିରେ ଜଣେ ପ୍ରମୁଖ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜଫ୍ରେମ ପ୍ରସ୍ତୁତ ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ଏହି ଘଟଣାକୁ ୪୦ ବର୍ଷ ବିତିଗଲାଣି। ତଥାପି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ହୋଇନପାରିବା ଦୁର୍ଭାଗ୍ୟଜନକ। ୧୯୮୪ରେ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷୀ ଗୁଳି କରି ହତ୍ୟା କରିଥିଲେ। ସେ ଥିଲେ ଜଣେ ଶିଖ ଧର୍ମାବଲମ୍ବୀ। ତେଣୁ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା ଶିଖ ବିରୋଧୀ ଦଙ୍ଗା। ଶହ ଶହ ଶିଖ ଧର୍ମାବଲମ୍ବୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହତ୍ୟା, ହିଂସା ଏବଂ ଦଙ୍ଗା ଲାଗି ଉସୁକାଇବା, ଧର୍ମପୀଠ ଉପରେ ଆକ୍ରମଣ, ନିଆଁ ଲଗାଇବା, ଲୁଟ ଏବଂ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗ ଆସିଛି। ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରା ଉପରେ କିଛି ଲୋକ ଆକ୍ରମଣ କରି ତିନିଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀମାନେ ଜଗଦୀଶ ଟାଇଟଲରଙ୍କ ନେତୃତ୍ୱରେ ଆସିଥିଲେ, ତାଙ୍କ ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ହାତରେ ସେମାନେ ତଲୱାର, ଲୁହାରଡ଼, ବାଡ଼ି, ପେଟ୍ରୋଲ ଆଦି ଧରି ସେମାନେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ଏଭଳି ଅନେକ ଘଟଣା ଘଟିଛି ଯେଉଁଥିରେ କଂଗ୍ରେସ କର୍ମୀମାନେ ସାମିଲ ଥିଲେ। ଏମାନଙ୍କର ନେତା ଥିଲେ ଜଗଦୀଶ ଟାଇଟଲର। ଆଉ ଜଣେ ନେତା ସଜ୍ଜନ କୁମାରଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା। ୪୦ ବର୍ଷ ଭିତରେ ଅନେକ ଅଭିଯୁକ୍ତ ମରିହଜି ଗଲେଣି। ଅନେକ ମୃତକଙ୍କ ପରିବାରରେ ତାଙ୍କ ଉତ୍ତରାଧିକାରୀମାନେ ମଧ୍ୟ ମରିଗଲେଣି। ଅନେକ ନ୍ୟାୟ ପାଇଁ ଅପେକ୍ଷା କରି କରି ହତାଶ ହୋଇଗଲେଣି।

# ରଙ୍ଗା ଅଧର

## ସନ୍ତୋଷ କୁମାର ସେଠୀ

ଛଳନା ରେ ବଳୀକୁ
ମାଗିଥିଲ ତିନି ପାଦ ଭୂମି
ପୁଣି ଶ୍ରୀବତ୍ସ ବ୍ରାହ୍ମଣ ତୁମ୍ଭ ବକ୍ଷେ
ପଦାଘାତ କରିଥିଲା ବୋଲି
ଏ ଜନ୍ମରେ ବିନା ପାଦେ ନେଲ ତୁମେ ରୂପ
ପ୍ରାୟଶ୍ଚିତ ଅବା ଅଭିମାନ ପାଇଁ

ବାଳୀକୁ ମାରିଥିଲ
ବନ୍ଧୁ ସୁଗ୍ରୀବର ସହାୟତା ଲାଗି
କିବା କୁରୁକ୍ଷେତ୍ରେ ଧରିବନି ଅସ୍ତ୍ର
ଶପଥ କରି ମଧ ଭାଙ୍ଗିଥିଲ ପ୍ରତିଜ୍ଞା
ଉଠାଇ ଥିଲ ସୁଦର୍ଶନ ବୋଲି
ହୋଇଥିଲା କି କଷ୍ଟ !!
ସେ ଯୋଗୁ ଏବେ ବିନା ହାତେ
ଦିଅ ଦରଶନ

ଆଖିରେ ଆଖିରେ
ଇସାରା ଦେଇଥିଲ ଭୀମ କୁ
ଜରାସନ୍ଧ ମୃତ୍ୟୁ ରହସ୍ୟର
ପୁଣି ଗାନ୍ଧାରୀ ଆଖିରେ ପଟି ବାନ୍ଧି
କୁହାଇଥିଲ ...'ଧର୍ମର ହେଉ ଜୟ'
କାଳଯବନକୁ ମୁଚୁକୁନ୍ଦ ଙ୍କ
ଦୃଷ୍ଟି ଅଗ୍ନି ରେ ଜାଳିଥିଲ ବୋଲି
ବଡ଼ ଦେଉଳରେ ବିନା ପଲକରେ
ଚାହିଁ ରହି ଶୁଝୁଛ କି ସେ ସବୁ

ଗଭୀର ଜଳରୁ ଗଜ ଡାକ
କର୍ଣ୍ଣ ରେ ପଡିଥିଲା ବୋଲି
ଧାଇଁ ଆସି ନକ୍ର ନାସିଲ ସିନା
ହେଲେ ଖାଦ୍ୟ ଖାଦକ ମଧ୍ୟରେ
ମତେ ହତ୍ୟା କାହିଁକି ନକ୍ର ପ୍ରଶ୍ନ ରେ
ଅବା ରାକ୍ଷସ ଜଳନ୍ଧରକୁ
ମାରିବା ଲକ୍ଷ୍ୟରେ
ସତୀ ତୁଳସୀ କୁ ଅସତୀ କରି
ପ୍ରାୟଶ୍ଚିତ ପାଇଁ ତୁଳସୀ କୁ
ମଥାରେ ବହି
ଭର୍ତ୍ସନା ଭୟରେ
କାନକୁ ବି ତେଜ୍ୟ କଲ ବଡଠାକୁର

ଖିର ସର ଲହୁଣୀ ଲୋଭରେ
ଗୋପ ରେ କେତେ ହାଣ୍ଡି ଭାଙ୍ଗି
ଖାଇଛ ଲୁଚାଇ,
ଅବା ଗୋପନାରୀ ଙ୍କ ବସ୍ତ୍ର ଚୋରି କରି
କଳଙ୍କ ରେ ଶ୍ରୀମୁଖ କରିଲ କଳା
ଲାଜେ କଲ ଅଧରଟି ନାଲି
ସେ ଯୋଗୁ କିବା ନାମ ରଖିଲ
'ରଙ୍ଗାଅଧର' !!

ପୁରୀ, ୯୪୩୭୩୦୨୬୧୮

# ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସ୍ମରଣେ

**ପ୍ରଦୀପ୍ତ ଆଚାର୍ଯ୍ୟ ■**

ଭାରତରେ ରସାୟନ ବିଜ୍ଞାନର ଜନକ, ଯିଏକି ଦେଶର ପ୍ରଥମ ଆଧୁନିକ ରସାୟନ ଗବେଷଣା ବିଦ୍ୟାଳୟର ପ୍ରତିଷ୍ଠାତା,ସିଏହେଉଛନ୍ତି ଏକାଧାରରେ ଜଣେ ଶିକ୍ଷାବିତ୍, ଶିଳ୍ପପତି, ଐତିହାସିକ,ଜନହିତକାରୀ ତଥା ଜଣେ ପ୍ରଖ୍ୟାତ ବେଙ୍ଗଲି ରସାୟନବିତ, ଆଚାର୍ଯ୍ୟ ସାର୍ ପ୍ରଫୁଲ୍ଲ ଚନ୍ଦ୍ର ରାୟ।ପିତା ହରିଶ୍ ଚନ୍ଦ୍ର ରାୟଚୌଧୁରୀ ଏବଂ ମାତା ଭୁବନମୋହିନୀ ଦେବୀଙ୍କ ତୃତୀୟ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲେ ପ୍ରଫୁଲ୍ଲଚନ୍ଦ୍ର,ବଙ୍ଗଳାର ଖୁଲ୍ନା ଜିଲ୍ଲା ଅର୍ନ୍ତଗତ ଚାରୁଲିକଟିପରା ନାମକ କ୍ଷୁଦ୍ର ଗ୍ରାମରେ ୧୮୬୧ ମସିହା ଅଗଷ୍ଟ ମାସ ଦୁଇ ତାରିଖ ଦିନ।ତାଙ୍କ ଗ୍ରାମରେ ତାଙ୍କ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ, ୧୮୬୬ ମସିହାରେ,ସେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ।ପ୍ରଫୁଲ୍ଲଙ୍କୁ ଯେତେବେଳେ ଦଶ ବର୍ଷ ହୋଇଥିଲା,ତାଙ୍କ ବଡଭାଇ ଜ୍ଞାନେନ୍ଦ୍ରଙ୍କ ଗାଁ ବିଦ୍ୟାଳୟରୁ ଶିକ୍ଷା ସମାପ୍ତି ହୋଇ ଯାଇଥିଲା ଏବଂ ତାଙ୍କ ପିତା, ତାଙ୍କର ଉଚ୍ଚଶିକ୍ଷା ନିମନ୍ତେ ତାଙ୍କୁ କଲିକତାକୁ ନେବା ସହିତ, ପ୍ରଫୁଲ୍ଲଙ୍କୁ ମଧ୍ୟ ନେଇଯାଇଥିଲେ। କଲିକତାର ୧୩୨ ଆମର୍ହଷ୍ଟଷ୍ଟ୍ରିଟର ଏକ ଭଡା ଘରେ ରହି ,ସେଠାକାର ଏକ ପ୍ରସିଦ୍ଧ ବିଦ୍ୟାଳୟ ହେୟରରେ ତାଙ୍କ ନାମ ଲେଖାଇ ଦେଲେ।ତାଙ୍କର ସାଦାସିଧା ଗାଁଉଲି ଚାଲିଚଳନ ଯୋଗୁଁ,ସହରୀ ପିଲା ମାନଙ୍କର ଥଟ୍ଟା ମଜା ତାଙ୍କ ନିମନ୍ତେ ଆଶୀର୍ବାଦ ସ୍ୱରୁପ କାମ ଦେଲା। ସେ ସେମାନଙ୍କ ସହିତ ନମିଶି,ପାଠ ପଢିବାରେ ଅଧିକ ମନୋନିବେଶ କରିଥିଲେ ଏବଂ ବିଦ୍ୟାଳୟରୁ ଫେରିବା ପରେ,ପିତାଙ୍କ ପାଠାଗାରରେ ବସି ପୁସ୍ତକ ଅଧ୍ୟୟନରେ ସମୟର ସଦୁପଯୋଗ କରୁଥିଲେ।ପିଲା ଦିନରୁ ସେ ବିଖ୍ୟାତ ବୈଜ୍ଞାନିକ ମାନଙ୍କ ଜୀବନୀ ପଢିବାକୁ ଭଲ ପାଉଥିଲେ।୧୮୭୪ ମସିହାରେ,ସେ ଯେତେବେଳେ ଚତୁର୍ଥ ଷ୍ଟାଣ୍ଡାର୍ଡରେ ପଢୁଥିଲେ,ସେ ଭୀଷଣ ଭାବରେ ଆମାଶୟ ଦ୍ୱାରା ଆକ୍ରାନ୍ତ ହୋଇ,ପାଠ ଛାଡି,ନିଜ ଗ୍ରାମକୁ ଫେରିବାକୁ ବାଧ୍ୟ ହୋଇଥିଲେ।ବିଦ୍ୟାଳୟକୁ ନଯାଇ ଘରେ ରହି ପାଠ ପଢିବା ଦ୍ୱାରା,ସେ ବିଭିନ୍ନ ଭାଷା ଅଧ୍ୟୟନ କରି ଦକ୍ଷତା ହାସଲ କରିବାର ସୁଯୋଗ ପାଇଲେ।୧୮୭୬ ମସିହାରେ,ସେ ସଂପୁର୍ଣ ସୁସ୍ଥ ହୋଇ,କଲିକତାକୁ ଫେରି ବ୍ରହ୍ମ ସଂସ୍କାରକ କେଶବ ଚନ୍ଦ୍ର ସେନଙ୍କ ଦ୍ୱାରା ପ୍ରତିଷ୍ଠିତ,ଆଲବର୍ଟ ସ୍କୁଲରେ ନାମ ଲେଖାଇଥିଲେ। ଗୃହାବସ୍ଥାନ ସମୟରେ ଏକାଗ୍ରତା ସହିତ ଅଧ୍ୟୟନ ଫଳରେ,ସେ ଦୈନନ୍ଦିନ ବିଦ୍ୟାଳୟକୁ ଆସୁଥିବା ଛାତ୍ର ଛାତ୍ରୀ ମାନଙ୍କ ଠାରୁ କୌଣସି ଗୁଣରେ କମ୍ ନଥିଲେ।ବେଙ୍ଗଲୀ ସାହିତ୍ୟ ସାଙ୍ଗକୁ,ସେ ଗ୍ରୀକ୍,ଫ୍ରେଂଚ୍,ଲାଟିନ୍ ଏବଂ ସଂସ୍କୃତ ଭାଷାରେ ମଧ୍ୟ ଦକ୍ଷତା ଅର୍ଜନ କରିଥିଲେ। ୧୮୭୮ରେ ସେ ମାଟ୍ରିକୁଲେସନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ ହୋଇଥିଲେ।ତାପରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିଷ୍ଠିତ ଅନୁଷ୍ଠାନରେ ଏଫ୍.ଏ (ଫାଷ୍ଟ ଆର୍ଟସ)ରେ ପଢିଥିଲେ। ସେତେବେଳେ ରସାୟନ ବିଜ୍ଞାନ ଏକ ବାଧ୍ୟତାମୂଳକ ବିଷୟ ରୁପେ ପଢା ଯାଉଥିଲା।ଏହି ବିଷୟ ପ୍ରତି ପ୍ରଫୁଲ୍ଲଙ୍କର ବିଶେଷ ରୁଚି ଥିଲା।ଏଫ୍.ଏ ପାଶ୍ କରିବା ପରେ ଜଣେ ରସାୟନ ବିଜ୍ଞାନ ଛାତ୍ର ଭାବରେ,କଲିକତା ବିଶ୍ୱବିଦ୍ୟାଳୟରେ ଡିଗ୍ରୀ ଅଧ୍ୟୟନ ଆରମ୍ଭକଲେ। ସେତିକିବେଳେ,ସର୍ବଭାରତୀୟ ସ୍ତରରେ "ଗିଲକ୍ରାଇଷ୍ଟ" ନାମକ ଏକ ପ୍ରତିଯୋଗିତା ମୂଳକ ଛାତ୍ରବୃତି ପରୀକ୍ଷା ଆୟୋଜିତ ହୋଇଥିଲା,ଯେଉଁଥିରେ ସଫଳ ହେଲେ ସରକାରଙ୍କ ଠାରୁ ବୃତି ପାଇ ଇଂଲଣ୍ଡରେ ଅଧ୍ୟୟନ କରିବାର ସୁଯୋଗ ମିଳୁଥିଲା।ଭାରତରୁ ଯେଉଁ ଦୁଇଜଣ ଏହି ପରୀକ୍ଷାରେ ସଫଳ ହୋଇଥିଲେ,ସେ ଥିଲେ ତନ୍ମଧ୍ୟରୁ ଜଣେ।ଚକିତ ହୋଇଯାଇଥିଲେ ସାରା କଲେଜ୍ର ଅଧ୍ୟାପକ ଓ ଛାତ୍ର ମାନେ,ଜଣେ ଗାଉଁଲୀ ପିଲାର କୃତିତ୍ୱରେ।କଲିକତାରେ ଡିଗ୍ରୀ ପାଠରେ ଡୋର ବାନ୍ଧି, ୧୮୮୨ ମସିହା ଅଗଷ୍ଟ ମାସରେ ,ସେ ବାହାରିଲେ ଲଣ୍ଡନ ଅଭିମୁଖେ।ସେଠାରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ, ଆଲେକଜାଣ୍ଡର କ୍ରମ ବ୍ରାଉନ୍ଙ୍କ ଅଧୀନରେ ରସାୟନ ଶିକ୍ଷା ଆରମ୍ଭ କରିଦେଲେ।ସେଠାରେ ସେ ଅଧ୍ୟୟନ କରୁଥିବା ସମୟରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ "ଭାରତ-୧୮୫୭ ବିଦ୍ରୋହ ପୂର୍ବରୁ ଓ ପରେ"ନାମକ ଏକ ପ୍ରବନ୍ଧ ପ୍ରତିଯୋଗିତା ର ଆୟୋଜନ କରି ସର୍ବଶ୍ରେଷ୍ଠ ପ୍ରବନ୍ଧକୁ ପୁରସ୍କାର ଦେବାର ଘୋଷଣା କରିଥିଲେ।ଲକ୍ଷ ଥିଲା ଛାତ୍ରମାନେ ଇଂରେଜ ମାନଙ୍କ କାର୍ଯ୍ୟକୁ ଠିକ୍ ବୋଲି ଦର୍ଶାଇ ପ୍ରବନ୍ଧ ଲେଖନ୍ତୁ। କିନ୍ତୁ ଦେଶପ୍ରେମୀ ପ୍ରଫୁଲ୍ଲ, ଇଂରେଜ ମାନଙ୍କ ଏକଛତ୍ରବାଦ ଯୋଗୁଁ ଏହି ବିଦ୍ରୋହ ସଙ୍ଗଠିତ ହୋଇଥିଲା ବୋଲି ସତ୍ୟକୁ, ନିର୍ଭିକ ଭାବରେ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରି ସାରା ଇଂଲଣ୍ଡରେ ଚହଳ ପକାଇ ଦେଇଥିଲେ।ତାପରେ ସେ "ଅଶୋଧିତ ଧାତୁର ବିଶ୍ଳେଷଣ"ଉପରେ ଗବେଷଣା କରି ଡକ୍ଟରେଟ୍ ଡିଗ୍ରୀ ପାଇଥିଲେ ଏବଂ ଏଡିନବର୍ଗ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ସୋସାଇଟିର ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଥିଲେ।ତାପରେ ସେ ନିଜ ଦେଶକୁ ଫେରି ଆସି ଖଣ୍ଡିଏ ଚାକିରୀ ଅନ୍ୱେଷଣ ଜାରି ରଖିବା ସହିତ ,ନିଜର ପୁରୁଣା ବନ୍ଧୁ ଡକ୍ଟର ଜଗଦୀଶ ଚନ୍ଦ୍ର ବୋଷଙ୍କ ସହିତ ମିଶି ରସାୟନ ସମ୍ବନ୍ଧୀୟ ଗବେଷଣା ଜାରି ରଖିଲେ।ହଠାତ୍ ପ୍ରଫୁଲ୍ଲଚନ୍ଦ୍ର ପାରଦ ଓ ତେଜାବ କୁ ପ୍ରୟୋଗ କରି ନାଇଟ୍ରେଟ୍ ର ଆବିଷ୍କାର କରିଥିଲେ,ଯାହାକି ସାରା ପୃଥିବୀର ରସାୟନ ବିଜ୍ଞାନୀ ମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା।ସେହି ମରକ୍ୟୁରସ ନାଇଟ୍ରେଟ୍ ରେ କିଛି ହଳଦିଆ କଣିକା ଦେଖିବାକୁ ପାଇଥିଲେ।ଏହି ନୂତନ ଆବିଷ୍କାର ବାବଦରେ ସର୍ବପ୍ରଥମେ ବେଙ୍ଗଲର ଏସିଆଟିକ ସୋସାଇଟି ଜର୍ଣାଲରେ ପ୍ରକାଶିତ ହେବା ପରେ ସାରା ବିଶ୍ୱରୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିଲା।ଏହି ଗବେଷଣା ପରେ, ସେ ନୂଆ ନୂଆ ବିଭିନ୍ନ ଧାତୁର ମିଶ୍ରଣରେ ଅନେକ ପ୍ରକାର ଯୌଗିକ ପଦାର୍ଥ ଆବିଷ୍କାର ମଧ୍ୟ କରିଥିଲେ।ତାପରେ ଦେଶଭକ୍ତ ପ୍ରଫୁଲ୍ଲଚନ୍ଦ୍ର ସ୍ୱଦେଶୀ ଜ୍ଞାନ କୌଶଳରେ "ବେଙ୍ଗଲ କେମିକାଲସ"ନାମକ ଏକ ବୃହତ ଶିଳ୍ପ ସ୍ଥାପନ କରିଥିଲେ।ତାଛଡା ଦେଶକୁ ସ୍ୱାବଲମ୍ବୀ କରିବା ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ,ସେ ୧୯୦୧ରେ "କଲିକତା ପଟରୀ ୱାର୍କସ"ନାମକ ଚିନାମାଟି ପାତ୍ର ନିର୍ମାଣ କାରଖାନା,୧୯୦୫ରେ "ବେଙ୍ଗଲ ଷ୍ଟିମ୍ ନାଭିଗେସନ"କମ୍ପାନୀ,୧୯୨୧ରେ "ବେଙ୍ଗଲ ଇନାମେଲ ୱାର୍କସ୍" ପରି ଅନେକ ଶିଳ୍ପ ପ୍ରତିଷ୍ଠା କରିଥିଲେ।୧୯୨୪ ମସିହାରେ ରାୟ,ଭାରତୀୟ ରସାୟନ ବିଦ୍ୟାଳୟ ସ୍ଥାପନା କରିଥିଲେ।୧୯୨୦ ସେସନ୍ ରେ ସେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ଦାୟିତ୍ୱ ତୁଲାଉଥିଲେ।ବଙ୍ଗଳା ଭାଷାରେ ପ୍ରକାଶିତ ଅନେକ ପତ୍ର ପତ୍ରିକା ରେ ,ଧାରାବାହିକ ଭାବରେ ତାଙ୍କ ବିଜ୍ଞାନ ସମ୍ବନ୍ଧୀୟ ଲେଖା ବାହାରୁଥିଲା।୧୯୩୨ ରେ "ଲାଇଫ ଆଣ୍ଡ ଏକ୍ସପେରିଏନସ ଅଫ ଏ ବେଙ୍ଗଲି କେମିଷ୍ଟ"ନାମକ ଆତ୍ମ ଜୀବନୀ ପ୍ରକାଶ କରିଥିଲେ। ୧୯୦୨ରେ ସେ," ଏ ହିସଟ୍ରି ଅଫ ହିନ୍ଦୁ କେମେଷ୍ଟ୍ରି ଫ୍ରମ ଦ ୟରଲିଏଷ୍ଟ ଟାଇମ ଟୁ ଦ ମିଡିଲ ଅଫ ସିକ୍ସଟିନଥ୍ ସେଂଚୁରୀ"ର ପ୍ରଥମ ସଂସ୍କରଣ ଏବଂ ୧୯୦୯ ରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ।ସାମାଜିକ ସେବା କ୍ଷେତ୍ରରେ ସେ,୧୯୨୩ ରେ ପୂର୍ବ ବଙ୍ଗଳାର ବନ୍ୟା ଆକ୍ରାନ୍ତ ଗୃହଶୂନ୍ୟ ଏବଂ ଭୋକିଲା ମାନଙ୍କ ପାଇଁ "ବେଙ୍ଗଲ ରିଲିଫ କମିଟି"ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି,ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ବନ୍ୟା ପ୍ରପୀଡିତ ମାନଙ୍କ ମଧ୍ୟରେ ବଂଟନ କରିଥିଲେ। ସାଧାରଣ ବ୍ରହ୍ମ ସମାଜ,ବ୍ରହ୍ମ ବାଳିକା ବିଦ୍ୟାଳୟ ଏବଂ ଭାରତୀୟ ରସାୟନ ସୋସାଇଟିର ପରିଚାଳନା ନିମନ୍ତେ ସେ ବରାବର ଆର୍ଥିକ ଅନୁଦାନ ପ୍ରଦାନ କରୁଥିଲେ। ଜୀବନ କାଳ ମଧ୍ୟରେ ଅନେକ ପୁରସ୍କାର,ସମ୍ମାନ ଓ ସମ୍ମାନ ଜନକ ଉପାଧି ପ୍ରାପ୍ତ ହୋଇଥିଲେ। ୧୮୮୭ରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରୁ "ଫାରାଡେ ଗୋଲ୍ଡ ମେଡାଲ୍ "୧୯୧୨ରେ "କମ୍ପାନିୟନ ଅଫ ଦ ଅର୍ଡର ଅଫ ଦ ଇଣ୍ଡିଆନ ଏମ୍ପାୟାର"୧୯୧୯ରେ"ନାଇଟ ବାଚଲର୍"ଇତ୍ୟାଦି ପାଇବାର ଯୋଗ୍ୟତା ଅର୍ଜନ କରିଥିଲେ।ସମ୍ମାନ ଜନକ ଉପାଧି ମଧ୍ୟରେ ୧୯୦୮ରେକଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା"ଅନରାରୀ ଡକ୍ଟର ଅଫ ଫିଲୋସଫି ଡିଗ୍ରୀ" ୧୯୧୨ରେ ଦୁରାମ ବିଶ୍ୱବିଦ୍ୟାଳୟ ଦ୍ୱାରା"ଅନରାରୀ ଡି.ଏସସି ଡିଗ୍ରୀ" ୧୯୨୦ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତରଫରୁ"ଅନରାରୀ ଡି.ଏସସି ଡିଗ୍ରୀ" ୧୯୨୦ ଏବଂ ୧୯୩୬ରେ ଢାକା ବିଶ୍ୱବିଦ୍ୟାଳୟ ତରଫରୁ "ଅନରାରୀ ଡି.ଏସସି ଡିଗ୍ରୀ"ପାଇଥିଲେ।୧୯୪୪ ମସିହା ଜୁନ୍ ଚଉଦ ତାରିଖରେ,ଏହି ମହାନ୍ ବୈଜ୍ଞାନିକ,ଦେଶ ସେବକ,ଲେଖକ, ଶିଳ୍ପପତି ସବୁଦିନ ପାଇଁ ଆମ ଗହଣରୁ ବିଦାୟ ନେଇ ଚିର ନିଦ୍ରାରେ ଶୟନ କରି ଦେଶର ଏକ ଅପୂରଣୀୟ କ୍ଷତି କରିଦେଲେ,ଯାହାକି ପୂର୍ଣ ହେବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

# ଅଶେଷ ପୂଣ୍ୟ ପ୍ରଦାନ କରେ ଶ୍ରାବଣ ସୋମବାର ବ୍ରତ

**ଜୋସ୍ନା ମହାପାତ୍ର**

ଭୋଳାନାଥ ଅତ୍ୟନ୍ତ ସରଳସ୍ୱାଭାବୀ, ସର୍ବବ୍ୟାପୀ ତଥା ଭକ୍ତଙ୍କ ଡାକରେ ଶୀଘ୍ର ପ୍ରସନ୍ନ ହେଉଥିବା ଦେବତା। ଶ୍ରାବଣ ମାସରେ ଆଶୁତୋଷ ଭଗବାନଙ୍କ ଶିବଙ୍କୁ ପୂଜା କରାଯାଇଥାଏ। ବିଶେଷକରି ଶ୍ରାବଣ ସୋମବାର ଉମାପତିଙ୍କ ଅତିପ୍ରିୟ। ତେଣୁ ଶ୍ରାବଣ ମାସରେ ପ୍ରତିଦିନ ପୂଜା କରିପାରୁନଥିବା ଭକ୍ତ ସୋମବାର ବ୍ରତ ଅମାପ ପୂଣ୍ୟର ଅଧିକାରୀ ହୋଇଥାଏ। ଶ୍ରାବଣ ସୋମବାର ବ୍ରତରେ ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କୁ ପୂଜା କରାଯାଇଥାଏ। ଶ୍ରାବଣ ସୋମବାର ବ୍ରତ ସୂର୍ଯ୍ୟୋଦୟ ଠାରୁ ଆରମ୍ଭ ହୋଇ ଦିନର ତୃତୀୟ ପ୍ରହର ପର୍ଯ୍ୟନ୍ତ କରାଯାଇଥାଏ। ଶିବପୂଜା ପରେ ସୋମବାର ବ୍ରତ କଥା ଶୁଣିବାର ଆବଶ୍ୟକତା ରହିଛି। ବ୍ରତ କରୁଥିବା ଦିନ ଥରେ ଭୋଜନ କରିବା ଆବଶ୍ୟକ।ଶ୍ରାବଣ ସୋମବାର ଦିନ ବ୍ରହ୍ମ ମୁହୂର୍ତ୍ତରୁ ଉଠିବେ। ଘର ସଫା କରିବା ସହ ସ୍ନାନାଦି କାର୍ଯ୍ୟ ଶେଷ କରିବେ। ଗଙ୍ଗାଜଳରେ ଘର ଚାରିପାଖରେ ବାତାବରଣ ଶୁଦ୍ଧ କରିବେ। ଘରେ କୌଣସି ପବିତ୍ର ସ୍ଥାନ କିମ୍ବା ପୂଜା ଘରେ ଭୋଳାନାଥଙ୍କ ମୂର୍ତ୍ତି କିମ୍ବା ଚିତ୍ର କିମ୍ବା ଶିବଲିଙ୍ଗ ସ୍ଥାପନ କରିବେ। ଏହାପରେ ପୂଜା ସାମଗ୍ରୀ ଯେପରିକି - ଧୂପ, କ୍ଷୀର, ଦହି, ମହୁ, ଘିଅ, ଚିନି, ଯଜ୍ଞୋପବୀତ, ଚନ୍ଦନ, ବେଲପତ୍ର, ଭାଙ୍ଗ, ଦୁଦୁରା, ଅରଖ ଫୁଲ, ଧୂପ, ଦୀପ୍ତ ଆଦି ପୂଜା ସାମଗ୍ରୀ ପ୍ରସ୍ତୁତ କରି ନିଜେ କିମ୍ବା ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଇପାରିବେ। ଏହାପରେ ଶିବଙ୍କୁ ବନ୍ଦନା କରୁଥିବା ଯେକୌଣସି ମନ୍ତ୍ର ପୂର୍ଣ୍ଣ ନିଷ୍ଠା ଏବଂ ଶ୍ରଦ୍ଧାର ସହିତ ପାଠ କରିବେ। ଶିବଙ୍କୁ 'ଓଁ ନମଃ ଶିବାୟ' ପଞ୍ଚାକ୍ଷରୀ ମନ୍ତ୍ର କିମ୍ବା 'ଓଁ ନମଃ ଶିବାୟେ' ମନ୍ତ୍ର ଉଚ୍ଚାରଣ କରି ପୂଜା କରାଯାଇପାରିବ। ଦେବୀ ପାର୍ବତୀଙ୍କୁ ଷୋଡ଼ଶ ଉପଚାର ପୂଜା ଦ୍ୱାରା ବନ୍ଦନା କରିବା ଉଚିତ। ଏହାପରେ ଆଳତୀ କରି ପ୍ରସାଦ ବିତରଣ କରିବା ପରେ ଭୋଜନ କିମ୍ବା ଫଳାହାର ଗ୍ରହଣ କରିବା ଉଚିତ। ସୋମବାର ବ୍ରତ ନିୟମିତ କରିବା ଦ୍ୱାରା ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଜୀବନରେ ଧନ-ଧାନ୍ୟ ପ୍ରାପ୍ତ ହୁଏ। ଜଟାଧାରୀ, ଜଳାଧାରୀ, ଜଟାଶଙ୍କର ଭଗବାନ ଭକ୍ତଜନଙ୍କ ସମସ୍ତ ଅନିଷ୍ଟ ଦୂର କରିଥାନ୍ତି।

ଚଣ୍ଡୀମନ୍ଦିର ମାର୍ଗ, କଟକ, ଦୂରଭାଷ : ୯୪୩୭୦୨୧୬୧୫

# କି ହେବ ପ୍ରାଣୀ ପୋଷିଲେ ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବାସ୍ତୁ ଶାସ୍ତ୍ରରେ ଜୀବନଧାରାର ପ୍ରତି ଦିଗର ବିଶେଷ ମହତ୍ତ୍ୱ ସଂପର୍କରେ ଆଲୋଚନା କରାଯାଇଛି। ବାସ୍ତୁ ଅନୁଯାୟୀ ଘରେ ପଶୁପକ୍ଷୀ ପାଳନ ଶୁଭ ହୋଇଥାଏ। ଖାଲି ଏତିକି ନୁହେଁ ପୋଷା ପ୍ରାଣୀ ରହିବା ଦ୍ୱାରା ଗୃହକର୍ତ୍ତାଙ୍କର ଅନେକ ଅସୁବିଧା ଟଳି ଯାଇଥାଏ। ତେବେ ପୋଷା ପଶୁପକ୍ଷୀଙ୍କୁ ସୁନିର୍ଦ୍ଦିଷ୍ଟ ସ୍ଥାନରେ ରଖିଲେ ଏହି ସୁଫଳ ମିଳିଥାଏ। ଆସନ୍ତୁ ଜାଣିବା କେଉଁ ପଶୁପକ୍ଷୀ ପାଳନ ଶୁଭଙ୍କର ହୋଇଥାଏ।

ଗାଈ : ଓଡ଼ିଶାରେ ଏକ ସମୟରେ ଘରେ ଗାଈ ପାଳିବା ଏକ ଲୋକପ୍ରିୟ ପରମ୍ପରା ଥିଲା। ଗାଁ ଗଣ୍ଡାରେ ଗୁହାଳ ଥିଲା ଘରର ଅଂଶବିଶେଷ। ସହରରେ ବି ଲୋକେ ଗାଈ ରଖୁଥିଲେ। କାରଣ ଗୋ-ସେବା ଧର୍ମପରାୟଣ କାର୍ଯ୍ୟ ଭାବେ ବିବେଚନା କରାଯାଉଥିଲା। କ୍ରମେ ଏହି ଧାରା ଦୁର୍ବଳ ହୋଇଯାଇଛି। କେବଳ କ୍ଷୀର ନୁହେଁ, ଗୋମୂତ୍ର ଓ ଗୋମୟ ମଧ୍ୟ ବହୁ ଉପକାରୀ। ବାସ୍ତୁ ଅନୁସାରେ ଗାଈକୁ ଗୃହର ଦକ୍ଷିଣ ଓ ପଶ୍ଚିମ ଦିଗରେ ରଖିବା ଉଚିତ। ଏପରିକି ଘରର ପ୍ରବେଶ ଦ୍ୱାରରେ ଗାଈ ବାନ୍ଧିଲେ କୁନଜର ଦୂର ହୋଇଥାଏ ଏବଂ ବାସ୍ତୁଦୋଷ ଲୋପ ପାଇଥାଏ। ଗୋପାଳନ ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି କୁହାଯାଏ।

କୁକୁର : କୁକୁର ସବୁଠାରୁ ବିଶ୍ୱସ୍ତ ପ୍ରାଣୀ ବୋଲି ବିବେଚନା କରାଯାଏ। ଆଜିକାଲି ଘରେ ଗାଈ ପାଳିବା କମିବା ସହ କୁକୁର ପାଳିବା ବଢ଼ିଛି। କୁକୁର ମଣିଷ ସହଚର ଓ ବନ୍ଧୁ। କୁକୁରକୁ ଅନେକ ଘର ଭିତରେ ବାନ୍ଧିବା ଦେଖାଯାଉଛି। କିନ୍ତୁ ବାସ୍ତୁ ଅନୁସାରେ କୁକୁର ଠାରୁ ନକାରାତ୍ମକ ଶକ୍ତି ଆସୁଥିବାରୁ ଘରେ ବେଳେ ବେଳେ ସମସ୍ୟା ଦେଖାଯାଇଥାଏ। ଘରଜଗା କାମ କରୁଥିବାରୁ କୁକୁରକୁ ଘର ଦ୍ୱାରବନ୍ଧରେ ବାନ୍ଧିବା ଉଚିତ ଘରେରେ କୁକୁର ରଖିଲେ ବାସ୍ତୁଦୋଷ ଦେଖା ଦେଇଥାଏ। ପୁଣି ରଙ୍ଗ ଅନୁସାରେ କୁକୁର ବିଭଗିନ୍ନ ଗ୍ରହର ପ୍ରତିନିଧିତ୍ୱ କରିଥାଏ। କାଳୀ କୁକୁର ଶନି, ରାହୁ ଓ କେତୁଙ୍କ ପ୍ରତୀକ ହୋଇଥାଏ। କଳା କୁକୁରଙ୍କୁ ଖାଦ୍ୟ ଦେଲେ ଗ୍ରହ ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି। ମାଟିଆ ଓ ଧଳା କୁକୁର ଘର ପାଇଁ ଶୁଭ କାରକ ହୋଇଥାନ୍ତି।

ବିଲେଇ : ବିଲେଇ ବାଟ କାଟିଲେ ଅଶୁଭ ବୋଲି କୁହାଯାଏ। କିନ୍ତୁ ଅନେକ ଘରେ ବିଲେଇ ପାଳୁଛନ୍ତି ଏବଂ ଶୋଇବା ଘର ପର୍ଯ୍ୟନ୍ତ ବିଲେଇର ପ୍ରବେଶ ବି ରହୁଛି। ଅନ୍ୟପକ୍ଷରେ ବାସ୍ତୁ ଅନୁସାରେ ବିଲେଇ ନକାରାତ୍ମକ ଶକ୍ତିବାହକ। ପୁଣି ବିଲେଇ ଖାଦ୍ୟରେ ମୁହଁ ମାରିଲେ ସଂକ୍ରମଣର ଶିକାର ହେବାକୁ ପଡ଼ିଥାଏ। ତେବେ ବିଲେଇ ରଖିବା ଖରାପ ନୁହେଁ। କେତେକ କହନ୍ତି ବିଲେଇର ଫୁଲ ସଂଗ୍ରହ କରି ରଖି ତାକୁ ପୂଜା କଲେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାଆନ୍ତି। କିନ୍ତୁ ଘରର ସନ୍ତାନ ସନ୍ତତିଙ୍କ ପାଇଁ ଏହା ଶୁଭଙ୍କର ନୁହେଁ।

ମାଛ : ଘରର ଉତ୍ତର ଦିଗରେ ଆକ୍ୱାରିୟମ୍ ରଖିବା ଉଚିତ। ଏଥିରେ ୧, ୩, ୬ ପରି ସଂଖ୍ୟାରେ ମାଛ ରଖିବା ଶୁଭକାରକ ବୋଲି କୁହାଯାଇଥାଏ। ତେବେ ଆକ୍ୱାରିୟମରେ ଥାଇ ମାଛ ଯଦି କୌଣସି କାରଣରୁ ମରେ ତେବେ ଘରକୁ ବିପଦ ଆସିଲା ବୋଲି ସୂଚନା ମିଳେ। ବିନା କାରଣରେ ଯଦି ଆକ୍ୱାରିୟମ ପାଣି ଖରାପ ହୋଇଯାଏ ତେବେ ଜାଣି ରଖିବା ଉଚିତ କି ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରୁଛି। ତେଣୁ ସେଥିପ୍ରତି ସର୍ବଦା ସତର୍କ ହେବା ଉଚିତ। କଳା ମାଛ ଘର ପରିବାରର ସଙ୍କଟ ଦୂର କରିଥାଏ।

ଶୁଆ : ଘରେ ଶୁଆ ପାଳିବା ବି ଏକ ଲୋକପ୍ରିୟ ଧାରା ଥିଲା। ବାସ୍ତୁ ଅନୁସାରେ ଶୁଆକୁ ଘରେ ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ। ଏହି ଦିଗରେ ରଖିଲେ ଶୁଭ ଫଳାଫଳ ପ୍ରଦାନ କରିଥାଏ। ଉତ୍ତର ଦିଗକୁ ବୁଧଙ୍କ ଦିଗ କୁହାଯାଉଥିବାରୁ ସବୁଜ ରଙ୍ଗର ପକ୍ଷୀ ବୁଧକାରକ ଭାବରେ ବିବେଚିତ ଶୁଆର ରଙ୍ଗ ସବୁଜ ଏବଂ ଏହାକୁ ଉତ୍ତର ଦିଗରେ ରଖିବା ଦ୍ୱାରା ଶୁଭଫଳ ମିଳିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଶୁଆ ମାତା ଲକ୍ଷ୍ମୀ ଓ କୁବେରଙ୍କ ସହ ଜଡ଼ିତ। ତେଣୁ ଘରେ ଶୁଆ ରଖିବା ଦ୍ୱାରା ଧନବୃଦ୍ଧି ସହ ବିଚାର ଶକ୍ତି ତୀକ୍ଷଣ ହୁଏ ବୋଲି ବିଶ୍ୱାସ ରହିଛି।

ପଶୁ ପକ୍ଷୀ ମାନଙ୍କ ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ତଥା ସ୍ନେହ ଏକ ମନୁଷ୍ୟଚିତ୍ତ କର୍ତ୍ତବ୍ୟ। ଏମାନଙ୍କ ପ୍ରତି ଭଲ ପାଇବା, ଆଦର ଯତ୍ନ ରଖିଲେ ସେହି ମୁକ ପ୍ରାଣୀମାନଙ୍କର ପ୍ରାର୍ଥନା ଭଗବାନ ଶୁଣିଥାଆନ୍ତି ବୋଲି ବିଶ୍ୱାସ ରହିଛି। ଏମିତିରେ ଅନେକ ଦେବାଦେବୀଙ୍କ ବାହନ ପଶୁ ଓ ପକ୍ଷୀ ହୋଇଥିବାବେଳେ ଅନେକ ମନ୍ଦିରର ସାମ୍ନାରେ ସେମାନଙ୍କର ଛୋଟ ଛୋଟ ମୂର୍ତ୍ତି ମଧ୍ୟ ରହିଛି। ତେବେ ମନରେ କୌଣସି ସ୍ୱାର୍ଥ ନରଖି ନିଃସ୍ୱାର୍ଥପର ଭାବରେ ପଶୁପକ୍ଷୀ ମାନଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧା ରଖିଲେ ଏହା ଆମ ମାନଙ୍କ ପାଇଁ ଅମୃତତମ ଆଶୀର୍ବାଦ ସାବ୍ୟସ୍ତ ହୋଇଥାଏ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩



# କେରଳରେ ବର୍ଷା ଓ ଭୂସ୍ଖଳନ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):** କେରଳରେ ମୌସୁମୀ ଭୟଙ୍କର ରୂପ ଦେଖାଇବା ଆରମ୍ଭ କରିଛି । ଗତ କିଛି ଦିନ ଧରି ପ୍ରବଳ ବର୍ଷା ରାଜ୍ୟର ଅନେକ ସ୍ଥାନରେ ସଙ୍କଟ ସୃଷ୍ଟି କରିଛି । ପ୍ରବଳ ବର୍ଷା ଯୋଗୁଁ କେନ୍ଦ୍ରୀୟ କେରଳର ଅନେକ ଜିଲ୍ଲାରେ ବନ୍ୟା ଏବଂ ଭୂସ୍ଖଳନର ଘଟଣା ଦେଖିବାକୁ ମିଳୁଛି । ଏହାଯୋଗୁଁ ଏପର୍ଯ୍ୟନ୍ତ ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି। ପରିସ୍ଥିତି ଖରାପ ହେଉଥିବା ଦେଖି ପ୍ରଶାସନ ପକ୍ଷରୁ ଅନେକ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଇଡୁକ୍କି ଜିଲ୍ଲାରେ ଶନିବାର ଭୋର୍ ସମୟରେ ଆଦୁରମାଲା ଅଞ୍ଚଳରେ ଭୂସ୍ଖଳନ ଏକ ସୁଖୀ ପରିବାରକୁ ଉଜାଡି ଦେଇଛି । ପାହାଡ଼ରୁ ଭୂସ୍ଖଳନ ମାଟି ପଡ଼ିବା ଫଳରେ ସୁମତି ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ରିପୋର୍ଟ ଅନୁଯାୟୀ, ସେମାନଙ୍କ ଘର ଉପରେ ମାଟି ଧସି ପଡିଥିଲା। ସ୍ଥାନୀୟ ଲୋକ ଏବଂ ଉଦ୍ଧାରକାରୀ ଦଳଙ୍କ ତୁରନ୍ତ ପ୍ରୟାସ ଯୋଗୁଁ ସୁମତିଙ୍କ ସ୍ୱାମୀ ରବି ଏବଂ ତାଙ୍କ ପୁଅକୁ ସୁରକ୍ଷିତ ଭାବରେ ବାହାର କରାଯାଇଛି । ସେମାନେ ଗୁରୁତର ଆହତ ହୋଇଥିବାରୁ ଚିକିତ୍ସାଲାଗି ଥୋଡୁପୁଝାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଖବର ମଧ୍ୟ ଆସିଛି । ଆଜି ଦେଶର ଅନେକ ସ୍ଥାନରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି ।ପ୍ରବଳ ବର୍ଷାର ତାଣ୍ଡବ ଯୋଗୁଁ ଇଡୁକ୍କି ଏବଂ ଆଖପାଖ ଅଞ୍ଚଳରେ ନଦୀଗୁଡିକରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ପୁଲାକାୟାର ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କୋକ୍କାୟାର ତଳ ବ୍ରିଜ୍ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି। କଟ୍ଟାପ୍ପାନା-ଭାଜଭାରା ରାସ୍ତାରେ ଯାତାୟାତ ଅବରୋଧ ହୋଇଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତା ଜାରି କରିଛନ୍ତି। ପଡୋଶୀ କୋଟ୍ଟାୟମ ଜିଲ୍ଲାର ପରିସ୍ଥିତି ମଧ୍ୟ ନିୟନ୍ତ୍ରଣ ବାହାରକୁ ଯାଇଛି। ଏରାଟ୍ଟୁପେଟା, କାଞ୍ଜିରାପାଲି ଏବଂ କୁଟିକାଲ ଭଳି ଆବାସିକ ଅଞ୍ଚଳଗୁଡ଼ିକ ପାଣିରେ ବୁଡ଼ି ରହିଛି । ଉଦ୍ଧାରକାରୀମାନେ ଅନେକ ଘରର ଉପର ମହଲାରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରିଛନ୍ତି। ପୁଞ୍ଜାରର ପାୟାନିଥୋଟ୍ଟମରେ ମଧ୍ୟ ଭୂସ୍ଖଳନ ହୋଇଥିବାର ଖବର ମିଳିଛି, ଯେଉଁଠାରେ କିଛି ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ), ଅଗ୍ନିଶମ ବିଭାଗ ଏବଂ ପୁଲିସ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

# ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ କଲେ,୭ ବଡ ତୈଳ କ୍ଷେତ୍ରକୁ ନଷ୍ଟ କରିଦେବୁ: ଇରାନ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଉତ୍ତ?ଜନା ଏକ ବିପଜ୍ଜନକ ମୋଡରେ ପହଞ୍ଚିଛି। ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ସମ୍ଭାବ୍ୟ ଆକ୍ରମଣର ଘୋଷଣା ମଧ୍ୟରେ, ଇରାନ ପ୍ରତିଶୋଧ ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ଇରାନୀ ଗଣମାଧ୍ୟମ ଅନୁସାରେ, ତେହେରାନ ଏକ ସ୍ପଷ୍ଟ ଚେତାବନୀ ଦେଇଛି ଯେ, ଯଦି ଆମ ଉପରେ ପୁଣି ଆକ୍ରମଣ କରାଯାଏ, ତେବେ ଆମେ ଇସ୍ରାଏଲରେ ଥିବା ଆମେରିକୀୟ ଶକ୍ତି ସମ୍ପତ୍ତି, ସମଗ୍ର ଆରବ ଅଞ୍ଚଳ ଏବଂ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ଉପରେ ବଡ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବୁ।ଇରାନୀ ଗଣମାଧ୍ୟମ ଏବଂ ସାମରିକ ସୂତ୍ର ଅନୁଯାୟୀ, ଆରବ ଦେଶ ଏବଂ ଇସ୍ରାଏଲରେ ଅବସ୍ଥିତ ବିଶ୍ୱର ସର୍ବବୃହତ ତୈଳ ଏବଂ ଗ୍ୟାସ୍ ସୁବିଧାଗୁଡ଼ିକ ଇରାନର ଗାଇଡେଡ୍ ମିସାଇଲର ସିଧାସଳଖ ପରିସର ମଧ୍ୟରେ ଅଛି। ଇରାନ ଯେଉଁ ସାତଟି ପ୍ରମୁଖ ଶକ୍ତି ପ୍ରତିଷ୍ଠାନକୁ ଧ୍ୱଂସ କରିବାକୁ ଧମକ ଦେଇଛି ସେଗୁଡ଼ିକ ମଧ୍ୟରେ ଏହା ସାଉଦି ଆରବର ତୈଳ ଉତ୍ପାଦନର ମେରୁଦଣ୍ଡ କୁହାଯାଉଥିବା ଘାଭର ତୈଳ କ୍ଷେତ୍ର ରହିଛି। ସେଠାରେ ଆକ୍ରମଣ ଦ୍ୱାରା ବିଶ୍ୱର ତୈଳ ଯୋଗାଣରେ ୫ ପ୍ରତିଶତରୁ ଅଧିକ ବାଧାପ୍ରାପ୍ତ ହେବ। ଏହା ସହିତ ସାଉଦି ଆରବର ବିଶ୍ୱର ସର୍ବବୃହତ ତୈଳ ସ୍ଥିରୀକରଣ ପ୍ଲାଣ୍ଟ ଅବକାଇକ୍ ଏବଂ ଖୁରାଇସ୍‌ର ନାମ ମଧ୍ୟ ଇରାନ ତାଲିକାରେ ରହିଛି। ଏହାର ଉତ୍ପାଦନ କ୍ଷମତା ପ୍ରତିଦିନ ୭ ନିୟୁତ ବ୍ୟାରେଲରୁ ଅଧିକ ରହିଛି ।ସେହିପରି ଟାର୍ଗେଟରେ ଥିବା ସଂଯୁକ୍ତ ଆରବ ଏମିରେଟ୍ସର ରୁୱେଜ୍ ରିଫାଇନାରୀ ଏବଂ ଦ୍ୱିତୀୟ ବୃହତ୍ତମ ଅଫଶୋର ତୈଳ କ୍ଷେତ୍ର ଜାକୁମ୍ ରହିଛି। ଏହା ପ୍ରତିଦିନ ୧ ନିୟୁତ ବ୍ୟାରେଲରୁ ଅଧିକ ତେଲ ଉତ୍ପାଦନ କରିଥାଏ। ଟାର୍ଗେଟରେ ଥିବା କତାରର ଉତ୍ତର ଘାଦିର ଗ୍ୟାସ କ୍ଷେତ୍ର ଏବଂ ରାସ୍ ଲାଫାନ୍ ଏଲଏନଜି ହେଉଛି ବିଶ୍ୱର ସର୍ବବୃହତ ଗ୍ୟାସ କ୍ଷେତ୍ର। ଏହା ୨୦ ପ୍ରତିଶତ ଏଲପିଜି/ ଏଲଏନଜି ବାଣିଜ୍ୟ ଏବଂ ପ୍ରମାଣିତ ଗ୍ୟାସ୍ ୨୫ ପ୍ରତିଶତ ସଂରକ୍ଷଣ କରିଥାଏ। କୁଏତର ବରଗାନ୍ ତୈଳ କ୍ଷେତ୍ର ୬୭ ବିଲିୟନ ବ୍ୟାରେଲର ବିଶାଳ ଭଣ୍ଡାର ଟାର୍ଗେଟରେ ରହିଛି । ଏହା ପ୍ରତିଦିନ ଉତ୍ପାଦନ କ୍ଷମତା ୨ ନିୟୁତ ବ୍ୟାରେଲ ରହିଛି। ଇରାନ ଟାର୍ଗେଟରେ ବାହାରିନର ସିତାରାହ ରିଫାଇନାରୀ ଏବଂ ଅଲ୍-ମିହାଜ୍ ତଥା ଇସ୍ରାଏଲର ଲେଭିଆଥାନ ଏବଂ ତାମର ଗ୍ୟାସ କ୍ଷେତ୍ର ରହିଛି।



# ମହଙ୍ଗା ପଡିଲା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):**ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସୋସିଆଲ ମିଡିଆରେ ଅଶ୍ଳୀଳ, ଆପତ୍ତିଜନକ ଓ ସମ୍ମାନହାନିକର ପୋଷ୍ଟ କରିବା ଅଭିଯୋଗରେ ବେଙ୍ଗାଲୁରୁରେ ୩ଟି ଇନଷ୍ଟାଗ୍ରାମ୍ ଆକାଉଣ୍ଟଧାରୀଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟିର ଜଣେ ସଦସ୍ୟଙ୍କ ଏତଲା ଆଧାରରେ ଜୁଲାଇ ୨୭ ତାରିଖରେ ଏହି 'ଏଫଆଇଆର' ଦାଖଲ କରାଯାଇଛି। ଅନ୍ୟପକ୍ଷରେ, ନୀଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରତିବାଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିଥିବା ଜଣେ ମହିଳାଙ୍କ ବିରୋଧରେ ନୋଏଡାଠାରେ ମାମଲା ରୁଜୁ କରାଯାଇଛି। ଫରିଦାବାଦର ଏହି ଯୁବତୀ ଜଣକ ଜନ୍ତରମନ୍ତର ଆନ୍ଦୋଳନ ସମୟରେ ଗାଳିଗୁଲଜ କରିଥିବା ଭିଡିଓ ଭାଇରାଲ ହେବା ପରେ ଜଣେ ଆଇନଜୀବୀଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣାରେ ଯୁବତୀ ଜଣକ କ୍ଷମାପ୍ରାର୍ଥନା କରି ଏହା ତାଙ୍କର ପ୍ରଥମ ଓ ଶେଷ ଭୁଲ୍ ବୋଲି ପ୍ରକାଶ କରିଛନ୍ତି।

# ଶସ୍ତା ହେଲା କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର

**ନୂଆଦିଲ୍ଲୀ,୨।୮(ଏଜେନ୍ସି):**ଅଗଷ୍ଟ ମାସର ପ୍ରଥମ ଦିନରେ ବାଣିଜ୍ୟିକ ଏଲ୍‌ପିଜି ଗ୍ରାହକଙ୍କ ପାଇଁ ବଡ଼ ଆଶ୍ୱସ୍ତି । ଦେଶର ସରକାରୀ ତେଲ ବିପଣନ କମ୍ପାନିଗୁଡ଼ିକ ୧୯ କିଲୋଗ୍ରାମ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡରର ଦରରେ ସର୍ବାଧିକ ୨୦୯ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିଛନ୍ତି । ନୂଆ ଦର ଆଜି ଅର୍ଥାତ୍ ଅଗଷ୍ଟ ପହିଲାରୁ ଲାଗୁ ହୋଇଛି । ତେବେ ୧୪.୨ କିଲୋଗ୍ରାମ ଘରୋଇ ଏଲ୍?ପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।ନୂତନ ଦର ଅନୁଯାୟୀ, କୋଲକାତାରେ ୧୯ କିଲୋଗ୍ରାମ କମର୍ସିଆଲ ସିଲିଣ୍ଡରର ମୂଲ୍ୟ ୨,୮୭୨ ଟଙ୍କାକୁ ହ୍ରାସ ପାଇଛି । ସେହିପରି ଦିଲ୍ଲୀରେ ଏହାର ଦର ୨,୯୩୦ ଟଙ୍କାରୁ କମି ୨,୭୩୮ ଟଙ୍କା ହୋଇଛି । ପାଟନାରେ ମଧ୍ୟ ଏହାର ମୂଲ୍ୟ ୩,୨୨୭ ଟଙ୍କାରୁ ହ୍ରାସ ପାଇ ୩,୦୧୮ ଟଙ୍କାରେ ପହଞ୍ଚିଛି । ଉଲ୍ଲେଖଯୋଗ୍ୟ ଯେ ୧୯ କିଲୋଗ୍ରାମ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୁଖ୍ୟତଃ ହୋଟେଲ, ରେଷ୍ଟୁରାଣ୍ଟ, ଢାବା, କ୍ୟାଟରିଂ ସେବା ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହୃତ ହୋଇଥାଏ । ତେଣୁ ଏହି ଦର ହ୍ରାସରେ ବ୍ୟବସାୟୀମାନେ କିଛିଟା ଆଶ୍ୱସ୍ତି ପାଇବେ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ଗତ ୧ ଜୁଲାଇରେ ମଧ୍ୟ ୧୯ କିଲୋଗ୍ରାମ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡରର ଦରରେ ହ୍ରାସ କରାଯାଇଥିଲା । ଲଗାତାର ଦ୍ୱିତୀୟ ଥର ପାଇଁ ଦର କମିଥିବାରୁ ବାଣିଜ୍ୟିକ କ୍ଷେତ୍ରକୁ ଏହା ବଡ ଆଶ୍ୱସ୍ତି ଦେଇଛି ।

# ରୁଷ ସେନାରେ ଆଜି ବି ଫସିଛନ୍ତି ପ୍ରାୟ ଦୁଇ ଡଜନ୍ ଭାରତୀୟ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):**ରୁଷ ସେନାରେ ଏବେ ବି ପ୍ରାୟ ୨୪ ଜଣ ଭାରତୀୟ ନାଗରିକ କାର୍ଯ୍ୟରତ ଅଛନ୍ତି ଏବଂ ସେମାନଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ କ୍ରମାଗତ ଉଦ୍ୟମ ଜାରି ରହିଛି ବୋଲି ଭାରତ ସରକାର ଶୁକ୍ରବାର ଦିନ ସୂଚନା ଦେଇଛନ୍ତି। ରୁଷ ସୈନ୍ୟବାହିନୀରେ ରୋଷେୟା ଓ ସହାୟକ ଭାବେ କାର୍ଯ୍ୟ କରୁଥିବା ସମସ୍ତ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ମସ୍କୋ ଉପରେ କ୍ରମାଗତ ଚାପ ସୃଷ୍ଟି କରାଯାଉଛି। ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୈସୱାଲ ଏକ ନିୟମିତ ଗଣମାଧ୍ୟମ ସମ୍ମିଳନୀରେ ଜଣାଇଛନ୍ତି ଯେ, ସରକାରଙ୍କ କୂଟନୈତିକ ପ୍ରଚେଷ୍ଟା ବଳରେ ଏପର୍ଯ୍ୟନ୍ତ ୧୩୯ ଜଣ ଭାରତୀୟ ନାଗରିକଙ୍କୁ ରୁଷ ସେନାରୁ ମୁକ୍ତ କରାଯାଇ ସାରିଛି। ଏହାସହ ଅସାଧୁ ଏଜେଣ୍ଟ କିମ୍ବା ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା ବିପଜ୍ଜନକ ବିଦେଶୀ ଚାକିରି ପ୍ରଲୋଭନରୁ ଦୂରେଇ ରହିବାକୁ ସେ ସାଧାରଣ ନାଗରିକଙ୍କୁ ପୁନର୍ବାର ସଚେତନ କରିଛନ୍ତି। ଅନ୍ୟପକ୍ଷରେ, ଟ୍ରାଭେଲ୍ ଏଜେଣ୍ଟଙ୍କ ଦ୍ୱାରା ପ୍ରତାରିତ ହୋଇ ରୁଷ ସେନାରେ ଯୋଗଦେଇ ମୃତ୍ୟୁବରଣ କରିଥିବା, ନିଖୋଜ ଥିବା କିମ୍ବା ଆହତ ହୋଇଥିବା ଭାରତୀୟଙ୍କ ପରିବାରବର୍ଗଙ୍କ ସହ ସମନ୍ୱୟ ରକ୍ଷା କରିବା ପାଇଁ ବୈଦେଶିକ ମନ୍ତ୍ରଣାଳୟରେ ଜଣେ ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମୃତଦେହ ଫେରାଇ ଆଣିବା, କ୍ଷତିପୂରଣ ପ୍ରଦାନ ଏବଂ ପ୍ରଭାବିତ ପରିବାର ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ଦାବି କରି ଦାଖଲ ହୋଇଥିବା ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୟୁକ୍ରେନ୍ ଯୁଦ୍ଧଫ୍ରଣ୍ଟରେ ରୁଷ ସେନା ପକ୍ଷରୁ ଲଢୁଥିବା ବେଳେ ଏପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିସାରିଛି।

# କେରଳରେ ନିଆରା ବିବାହ
# ଯମଜ ଭାଇଙ୍କ ହାତ ଧରିଲେ ଯମଜ ଭଉଣୀ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):** କେରଳରେ ଏକ ନିଆରା ବିବାହ ଦେଖିବାକୁ ମିଳିଛି, ଯେଉଁଠାରେ ଯମଜ ଭାଇଙ୍କ ହାତ ଧରିଛନ୍ତି ଯମଜ ଭଉଣୀ। ବିବାହ କାର୍ଯ୍ୟକ୍ରମର ପରିଚାଳନା ମଧ୍ୟ ଯମଜ ପାଦ୍ରୀ କରାଇଛନ୍ତି। ଗୁରୁବାର ଚାଙ୍ଗାନାସେରି ମେଟ୍ରୋପଲିଟାନ୍ ଚର୍ଚ୍ଚରେ ଅଖିଳ କେ ଥମାସ କନ୍ୟା ମାଗି ମେରୀ ଥମାସଙ୍କ ହାତ ଧରିଥିଲେ ଓ ତାଙ୍କ ଯମଜ ଭାଇ ନିଖିଳ କେ ଥମାସ ମାଗିଙ୍କ ଯମଜ ଭଉଣୀ ମାରିଆ ମେରୀ ଥମାସଙ୍କୁ ବିବାହ କରିଥିଲେ। ଏହି ଦୃଶ୍ୟ ଖୁବ୍ ସ୍ୱତନ୍ତ୍ର ରହିଥିଲା। ତେବେ ଏହାଠାରୁ ଆହୁରି ଅଧିକ ସ୍ୱତନ୍ତ୍ର ଥିଲା ଯେତେବେଳେ ଯମଜ ପାଦ୍ରୀମାନେ ବିବାହ କାର୍ଯ୍ୟକ୍ରମ ପରିଚାଳନା କରିବାର ଦେଖିବାକୁ ମିଳିଥିଲା। ଦୁଇ ପରିବାର ପାଇଁ ଏହି ବିବାହ ଦୀର୍ଘଦିନର ସ୍ୱପ୍ନ ପୂରଣ ପରି ରହିଥିଲା।ଚାଙ୍ଗାନାସେରିର ଭେଟୁପାରାମ୍ବିଲର କୁଞ୍ଜୁମୋନ ଥମାସ ଓ ଜୋମୋଲଙ୍କ ଯମଜ ପୁଅ ଅଖିଳ ଓ ନିଖିଳ ପଠାଣମଥିଟ୍ଟା ଜିଲ୍ଲାର କୁଲାଥୁରର କୁମ୍ବୁଲୁଭେଲିଲର ଟୋମିଚାନ ଓ ମେରିକୁଟ୍ଟିଙ୍କ ଯମଜ ଝିଅ ମାଗି ଓ ମାରିଆଙ୍କୁ ଖୁବ୍ ଧୂମ୍‌ଧାମରେ ବିବାହ କରିଥିଲେ। ବିବାହ ପରିଚାଳନା ଯମଜ ପାଦ୍ରୀ କାଞ୍ଜିରାପାଲି ଡାୟୋସିସର ଫାଦର ଆଣ୍ଟୋ ପେଝୁମକାଟିଲ ଓ ଫାଦର ଆଜୋ ପେଝୁମକାଟିଲ କରିଥିଲେ। ବେଦୀରେ ସେମାନଙ୍କୁ ସାହାଯ୍ୟ କରୁଥିଲେ ପାଲାର ଯମଜ ଭାଇ ଜେରନ ଜେମ୍ସ ଓ ଜୋହନ ଜେମ୍ସ। ତେବେ ଯମଜଙ୍କୁ ନେଇ ଏହି ନିଆରା ବାହାଘର ଯୋଜନାବଦ୍ଧ ଭାବେ କରାଯାଇଥିଲା। ଦୁଇ ଭଉଣୀ ଏଥିପାଇଁ ଯମଜ ପାଦ୍ରୀଙ୍କୁ ଖୋଜିଥିଲେ। କେରଳ ଏହି ଦୁଇ ଭାଇ ଅଖିଳ ଓ ନିଖିଳ ମର୍ଚ୍ଚାଣ୍ଟ ନେଭିରେ କାମ କରୁଥିବାବେଳେ ଦୁଇ ଭଉଣୀ ଆଇଟି ସେକ୍ଟରରେ କାମ କରୁଛନ୍ତି।

# 'ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ'
## ଜେନ୍-ଜିଙ୍କୁ ଅଜିତ ଡୋଭାଲଙ୍କ ବାର୍ତ୍ତା

**ନୂଆଦିଲ୍ଲୀ,୨।୮(ଏଜେନ୍ସି):** ଆଜିକାଲିର ଜେନ୍-ଜି ପିଢ଼ି ଓ ସେମାନଙ୍କ ଚିନ୍ତାଧାରାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିବା ବେଳେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଯୁବପିଢ଼ିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି । ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝିବା ସହ ଜାତୀୟ ସ୍ୱାର୍ଥକୁ ସର୍ବାଗ୍ରେ ରଖିବାକୁ ସେ ଆହ୍ୱାନ କରିଛନ୍ତି । ମହାରାଷ୍ଟ୍ରର ପୁଣେରେ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ଅମିତ ଶାହ ଅଜିତ ଡୋଭାଲଙ୍କୁ 'ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର-୨୦୨୬' ରେ ସମ୍ମାନିତ କରିଥିଲେ । ସମ୍ମାନ ସ୍ୱରୂପ ତାଙ୍କୁ ପାରମ୍ପରିକ ପୁନେରୀ ପଗଡ଼ି, ସ୍ମାରକୀ, ନଗଦ ପୁରସ୍କାରର ଚେକ୍ ଏବଂ 'ଗୀତା ରହସ୍ୟ'ର ଏକ ପ୍ରତି ପ୍ରଦାନ କରାଯାଇଥିଲା ।ପୁରସ୍କାର ଗ୍ରହଣ ପରେ ଅଭିଭାଷଣ ଦେଇ ଡୋଭାଲ କହିଥିଲେ, ଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଭଳି ଦୃଢ଼ ନେତୃତ୍ୱ ମିଳିଥିବା ସୌଭାଗ୍ୟର ବିଷୟ । ଭାରତ ବର୍ତ୍ତମାନ ଆଭ୍ୟନ୍ତରୀଣ ଓ ବାହ୍ୟ— ଉଭୟ ପ୍ରକାରର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିଲେ ମଧ୍ୟ ଦ୍ରୁତ ଗତିରେ ପ୍ରଗତି କରୁଛି, ଯାହାକୁ ଅନେକ ବିରୋଧୀ ଈର୍ଷା କରୁଛନ୍ତି । ଏଣୁ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସର୍ବପ୍ରଥମେ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ଡୋଭାଲ କହିଥିଲେ, 'ଆଜିର ପିଢ଼ି ପାଇଁ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝିବା ଅତ୍ୟନ୍ତ ଜରୁରୀ। କେହି କେହି ଭାବନ୍ତି ସ୍ୱାଧୀନତା ମାନେ ଯାହା ଇଚ୍ଛା ତାହା କରିବାର ଅଧିକାର । କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ ।' ସେ ସ୍ପଷ୍ଟ କରି କହିଥିଲେ ଯେ, ଜାତୀୟ ସ୍ୱାର୍ଥ ବିରୋଧୀ କୌଣସି ପଥରେ ଆଗେଇବା ଉଚିତ ନୁହେଁ । ଭାରତକୁ ଅଧିକ ଶକ୍ତିଶାଳୀ କରିବା ପ୍ରତ୍ୟେକ ନାଗରିକଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ।ନିଜ ପିଲାଦିନର ସ୍ମୃତି ମନେପକାଇ ଅଜିତ କହିଥିଲେ ଯେ ପୁଣେରେ ଶିକ୍ଷାଲାଭ ସମୟରେ ସେ ପ୍ରଥମେ ଲୋକମାନ୍ୟ ତିଳକଙ୍କ ଆଦର୍ଶ ଓ ଚିନ୍ତାଧାରା ବିଷୟରେ ଗଭୀର ଭାବେ ଜାଣିଥିଲେ । ବ୍ରିଟିଶ ଶାସନ ସମୟରେ ଯେତେବେଳେ ଅନେକେ ଭୟରେ ନୀରବ ରହୁଥିଲେ, ସେତେବେଳେ ତିଳକ ନିର୍ଭୀକ ଭାବେ ଜାତୀୟ ସ୍ୱାର୍ଥ ପାଇଁ ସ୍ୱର ଉଠାଇଥିଲେ। କାରାବାସ ପରେ ମଧ୍ୟ ସେ ସମାଜସେବା ଓ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ । ଶେଷରେ ଡୋଭାଲ ଯୁବପିଢ଼ିଙ୍କୁ ଲୋକମାନ୍ୟ ତିଳକଙ୍କ ଜୀବନ, ସଂଘର୍ଷ ଓ ଆଦର୍ଶରୁ ପ୍ରେରଣା ନେଇ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ ।



# ପ୍ରଧାନମନ୍ତ୍ରୀଙ୍କୁ ଭିକଟିମ କାର୍ଡ ଖେଳିବାକୁ ଭଲ ଲାଗେ: ଜୟରାମ ରମେଶ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିକଟିମ କାର୍ଡ (ନିଜକୁ ପୀଡିତ ଦର୍ଶାଇବାକୁ) ବନ୍ଦ କରନ୍ତୁ ବୋଲି କଂଗ୍ରେସ ପାର୍ଟିର ବରିଷ୍ଠ ନେତା ଜୟରାମ ରମେଶ ଶନିବାର କହିଛନ୍ତି। ରମେଶ କହିଛନ୍ତି, ମୋଦୀ ନିଜକୁ ପୀଡିତ ଦର୍ଶାଇବା ପରିବର୍ତ୍ତେ ସେ ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ୍, ରାମ ମନ୍ଦିର ଦାନ ଚୋରି ଓ ୨୦୧୬ ବିମୁଦ୍ରୀକରଣ ପରି ପ୍ରସଙ୍ଗମାନଙ୍କରେ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ।ରମେଶ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଅନେକ ସମୟରେ ତାଙ୍କ ପୂର୍ବର ଶାସକମାନଙ୍କୁ ଓ ରାଜନେ?ତିକ ବିରୋଧୀଙ୍କୁ ଟାର୍ଗେଟ କରୁଥିବାବେଳେ ନିଜକୁ ପୀଡିତ ବୋଲି ଦେଖାଇବାକୁ ଭଲ ପାଆନ୍ତି। 'ଏକ୍ସ'ରେ ରମେଶ ଲେଖିଛନ୍ତି, ଆତ୍ମଘୋଷିତ ଅଣ-ଜୈବିକ ପ୍ରଧାନମନ୍ତ୍ରୀ ପୀଡିତ କାର୍ଡ ଖେଳିବାକୁ ଉପଭୋଗ କରନ୍ତି। ସେ ତାଙ୍କର ପୂର୍ବପୁରୁଷ ଓ ରାଜନୈତିକ ବିରୋଧୀଙ୍କ ବିରୋଧରେ ଘୃଣ୍ୟ ଆକ୍ଷେପ କରନ୍ତି। ମୋଦୀ କେବଳ ତାଙ୍କର ସାର୍ବଜନୀନ ଭାଷଣରେ ନୁହେଁ ବରଂ ସଂସଦରେ ମଧ୍ୟ ସେମାନଙ୍କୁ ବଦନାମ କରିବା ପାଇଁ ପ୍ରାୟତଃ ମିଛ ପ୍ରଚାର କରନ୍ତି ବୋଲି ରମେଶ ଅଭିଯୋଗ କରିଛନ୍ତି। ସେ ସଂସଦ ଓ ସଂସଦ ବାହାରେ ରାଜନୈତିକ ବିରୋଧୀଙ୍କୁ ଦୁର୍ବ୍ୟବହାର କରୁଥିବା ଏକ ଦଳ ରଖିଛନ୍ତି, ସେମାନଙ୍କୁ ପୂର୍ଣ୍ଣ ସୁରକ୍ଷା ଦିଅନ୍ତି ବୋଲି ରମେଶ ଅଭିଯୋଗ କରିଛନ୍ତି। କଂଗ୍ରେସ ମହାସଚିବ ନିଟ୍ ୟୁଜି ପ୍ରଶ୍ନପ୍ରତ ଲିକ୍ ଓ ବିରୋଧ ପ୍ରଦର୍ଶନକାରୀ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଛନ୍ତି।



# ଇ-୨୦ ପେଟ୍ରୋଲ ନୀତି ବିରୋଧରେ ପ୍ରତିବାଦ
# ପୂର୍ବରୁ ନଜରବନ୍ଦୀ ହେଲେ ତେହସିନ୍ ପୁନାୱାଲା

**ନୂଆଦିଲ୍ଲୀ,୨।୮(ଏଜେନ୍ସି):** ସରକାରଙ୍କ ଇ-୨୦ ପେଟ୍ରୋଲ ନୀତି ବିରୋଧରେ ପ୍ରତିବାଦ ପଦଯାତ୍ରା ଓ ଆମରଣ ଅନଶନ କରିବା ପୂର୍ବରୁ ଆକ୍ଟିଭିଷ୍ଟ ତେହସିନ୍ ପୁନାୱାଲାଙ୍କୁ ଦିଲ୍ଲୀ ପୁଲିସ ନଜରବନ୍ଦୀ (ହାଉସ୍ ଆରେଷ୍ଟ) କରିଛି। କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ ଏବଂ ଇଥାନଲ୍ ମିଶ୍ରିତ ଇନ୍ଧନ ନୀତି ବିରୋଧରେ ସ୍ୱର ଉଠାଇ ଆସୁଥିବା ପୁନାୱାଲା ଶନିବାର ନିଜ ଘର ଆଗରେ ପୁଲିସ ବାହିନୀ ଠିଆ ହୋଇଥିବାର ଏକାଧିକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। କୌଣସି ଆନୁଷ୍ଠାନିକ କାଗଜପତ୍ର କିମ୍ବା ନୋଟିସ୍ ବିନା ତାଙ୍କୁ ନଜରବନ୍ଦୀ କରାଯାଇଥିବା ସେ ଅଭିଯୋଗ କରିଥିବା ବେଳେ, ସ୍ୱାଧୀନତା ଦିବସର ୧୫ ଦିନ ପୂର୍ବରୁ ପ୍ରତିବାଦ କଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏପରି କରାଯାଇଥିବା ପୁଲିସ ଅଧିକାରୀ କହିଛନ୍ତି ।ସୂଚନାଯୋଗ୍ୟ, ଜୁଲାଇ ୩୧ ତାରିଖରେ ସଂସଦ ଅଭିମୁଖେ 'ଗାଡ଼ି ମାର୍ଚ୍ଚ' କରିବା ପାଇଁ ଅନୁମତି ନମିଳିବା ପରେ ପୁନାୱାଲା ଏକାକୀ 'ଗାନ୍ଧୀ ସ୍ମୃତି' ପର୍ଯ୍ୟନ୍ତ ପଦଯାତ୍ରା କରି ନୀରବ ପ୍ରତିବାଦ ଓ ଆମରଣ ଅନଶନ କରିବେ ବୋଲି ଘୋଷଣା କରିଥିଲେ। ସରକାରଙ୍କ ୮୦ ପ୍ରତିଶତ ପେଟ୍ରୋଲ ଓ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ଇ-୨୦ ନୀତି ଯୋଗୁଁ ବିଶେଷ କରି ୨୦୨୩ ପୂର୍ବର ଗାଡ଼ିଗୁଡ଼ିକର ମାଇଲେଜ୍ କମୁଥିବା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଯଦିଓ ମନ୍ତ୍ରୀ ଗଡ଼କରୀ ଇ-୨୦ ଯୋଗୁଁ ୨ରୁ ୬ ପ୍ରତିଶତ ମାଇଲେଜ୍ କମିବା ସ୍ୱୀକାର କରିଛନ୍ତି, ତଥାପି ଏହାଦ୍ୱାରା ଇଞ୍ଜିନ୍ ଖରାପ ହେଉନଥିବା ଏବଂ ୩୦ ପ୍ରତିଶତ କମ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବା ଦାବି କରିଛନ୍ତି। ପୁନାୱାଲା ଓ ତାଙ୍କ ଟିମ୍ ଗ୍ରାହକଙ୍କୁ ୧୦୦ ପ୍ରତିଶତ ଶୁଦ୍ଧ ପେଟ୍ରୋଲ, ଇ-୫ କିମ୍ବା ଇ-୧୦ ଇନ୍ଧନ ବାଛିବାର ବିକଳ୍ପ ଦେବାକୁ ଦାବି କରିଆସୁଛନ୍ତି।

## ଟ୍ରମ୍ପଙ୍କ ବଡ ଘୋଷଣା
# ବନ୍ଦ ହେବ ଇସ୍ରାଏଲ- ହମାସ ଯୁଦ୍ଧ, ଅସ୍ତ୍ର ସମର୍ପଣ କରିବ ହମାସ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):** ଗାଜା ଯୁଦ୍ଧକୁ ନେଇ ବଡ଼ କୂଟନୈତିକ ଘଟଣା ସାମ୍ନାକୁ ଆସିଛି । ଖୁବ୍‌ଶୀଘ୍ର ଗାଜାରେ ନୂଆ ସରକାର ଗଠନ କରିବ ପାଲେଷ୍ଟାଇନ୍ । ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି । ହମାସ ଅସ୍ତ୍ରଶସ୍ତ୍ର ସମର୍ପଣ କରିବା ଏବଂ ଗାଜା ଷ୍ଟ୍ରିପରୁ ଇସ୍ରାଏଲ ସେନା ପ୍ରତ୍ୟାହାର ନେଇ ଏକ ଐତିହାସିକ ଚୁକ୍ତିରେ ସହମତ ହୋଇଛି। ଟ୍ରମ୍ପଙ୍କ ଅନୁସାରେ, ସମସ୍ତ ପକ୍ଷଙ୍କ ଆନୁଷ୍ଠାନିକ ଅନୁମୋଦନ ପରେ ୧୪ ଦିନ ମଧ୍ୟରେ ଏହି ଚୁକ୍ତିର କାର୍ଯ୍ୟକାରୀ ହେବ । ଏହି ଯୋଜନା ଗାଜାରେ ଶାନ୍ତି ସ୍ଥାପନ କରିବା ସହ ପୁନଃନିର୍ମାଣ ପ୍ରକ୍ରିୟା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ସେ କହିଛନ୍ତି ।ଚୁକ୍ତି ଅନୁଯାୟୀ, ହମାସ ପର୍ଯ୍ୟାୟକ୍ରମେ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ଅନ୍ତର୍ଜାତୀୟ ଷ୍ଟାବିଲାଇଜେସନ୍ ଫୋର୍ସକୁ ହସ୍ତାନ୍ତର କରିବ । ଏହି ପ୍ରକ୍ରିୟା ଜଣେ ଆମେରିକୀୟ ଜେନେରାଲଙ୍କ ତତ୍ତ୍ୱାବଧାନରେ କରାଯିବ । ପ୍ରାୟ ୫ ହଜାର ସଦସ୍ୟ ବିଶିଷ୍ଟ ଏହି ଫୋର୍ସ ଗାଜାରେ ସ୍ଥିରତା ଆଣିବା ସହ ନିରାପତ୍ତା ବ୍ୟବସ୍ଥା ଦେଖିବ । ଅସ୍ତ୍ର ସମର୍ପଣ ପ୍ରକ୍ରିୟା ପୂରା ହେବାକୁ ପ୍ରାୟ ୨୦୦ରୁ ୩୦୦ ଦିନ ସମୟ ଲାଗିପାରେ । ଏହା ସହ ଗାଜାରେ ଥିବା ସୁଡ଼ଙ୍ଗ ନେଟୱାର୍କକୁ ମଧ୍ୟ ନିଷ୍କ୍ରିୟ କରାଯିବ । ଚୁକ୍ତି ଅନୁସାରେ, ହମାସର ଅସ୍ତ୍ର ପ୍ରତ୍ୟାହାର ପ୍ରକ୍ରିୟା ସମାପ୍ତ ହେବା ପରେ ଇସ୍ରାଏଲୀ ସେନା ଗାଜାରୁ ପଛଘୁଞ୍ଚା ଦେବେ । ଏହା ପରେ ଅନ୍ତର୍ଜାତୀୟ ଷ୍ଟାବିଲାଇଜେସନ୍ ଫୋର୍ସ ନୂତନ ପାଲେଷ୍ଟାଇନୀ ପୋଲିସ ବାହିନୀକୁ ତାଲିମ ଦେବ । ଏହି ଯୋଜନାରେ ଗାଜା ପାଇଁ ଏକ ନୂତନ ପାଲେଷ୍ଟାଇନୀ ସରକାର ଗଠନର ପ୍ରସ୍ତାବ ରହିଛି । ଏହି ସରକାର ପୋଲିସ ବାହିନୀ ସହ ସମନ୍ୱୟ ରଖି ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ପରିଚାଳନା କରିବ ।ହମାସ ଅଧିକାରୀମାନେ ଏହି ରୋଡମ୍ୟାପ୍‌କୁ ସମର୍ଥନ କରିଥିବା କହିଛନ୍ତି । ତେବେ ଚୁକ୍ତି କାର୍ଯ୍ୟକାରୀ ପୂର୍ବରୁ ଇସ୍ରାଏଲକୁ ମଧ୍ୟ ନିଜ ପ୍ରତିଶ୍ରୁତି ପୂରଣ କରିବାକୁ ପଡ଼ିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । ହମାସର ଦାବି ଅନୁଯାୟୀ, ଇସ୍ରାଏଲକୁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ସହ ଗାଜାରୁ ସେନା ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ କରିବାକୁ ହେବ । ଟ୍ରମ୍ପ କହିଛନ୍ତି ଯେ ଏହି ଚୁକ୍ତିକୁ ଅତ୍ୟନ୍ତ ସତର୍କତାର ସହ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ, ଯାହା ଫଳରେ ଗାଜାର ପୁନଃନିର୍ମାଣ ଏବଂ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

# ବିରୋଧୀଙ୍କୁ ଶେଷ କରିବା ପାଇଁ ଗୃହମନ୍ତ୍ରୀ ଚଳାଉଛନ୍ତି ବ୍ୟବସାୟୀ ଏବଂ ଗୁଣ୍ଡାଙ୍କ ଗ୍ୟାଙ୍ଗ୍ : ସଞ୍ଜୟ ରାଉତ

**ନୂଆଦିଲ୍ଲୀ,୨।୮(ଏଜେନ୍ସି):**ଉଦ୍ଧବ ଠାକରେ ଗୋଷ୍ଠୀର ସଦସ୍ୟ ଶିବସେନା ସାଂସଦ ସଞ୍ଜୟ ରାଉତ ପୁଣି ଥରେ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଣେ ଗସ୍ତକୁ ଟାର୍ଗେଟ କରିଛନ୍ତି। ସଞ୍ଜୟ କହିଛନ୍ତି, ଗୃହମନ୍ତ୍ରୀ ରାତି ଅନ୍ଧାରରେ ପୁଣେରେ ପହଞ୍ଚିଛନ୍ତି। ଭାରତୀୟ ଜନତା ପାର୍ଟି ତାଙ୍କୁ ସ୍ୱାଗତ କରିବା ପାଇଁ ବଡ଼ ବଡ଼ ବ୍ୟାନର ଲଗାଇ ଘୋଷଣା କରିଛି, ଦେଶର ଚାଣକ୍ୟ ପୁଣେରେ ପହଞ୍ଚିଛନ୍ତି। ମୁଁ ଗୃହମନ୍ତ୍ରୀଙ୍କୁ ପଚାରିବାକୁ ଚାହୁଁଛି। ଗୃହମନ୍ତ୍ରୀ ଏହି ପଦବୀରେ ଥିବା ବ୍ୟକ୍ତି ନୁହଁନ୍ତି। ସେ ଗୃହ ମନ୍ତ୍ରଣାଳୟ ଚଳାଉନାହାନ୍ତି। ସେ ଏବେ ଏହି ପଦବୀରେ ରହି ଏକ ଗ୍ୟାଙ୍ଗ୍ ଚଳାଉଛନ୍ତି। ଏହି ଗ୍ୟାଙ୍ଗ୍ ବ୍ୟବସାୟୀଙ୍କର। ଏ ଗ୍ୟାଙ୍ଗ୍ ଗୁଣ୍ଡାମାନଙ୍କର ବୋଲି ସଞ୍ଜୟ ରାଉତ କହିଛନ୍ତି। ଗ୍ୟାଙ୍ଗ୍ ସଦସ୍ୟମାନେ ବିରୋଧୀଙ୍କୁ ଶେଷ କରିବା କାମ କରୁଛନ୍ତି। ଜମ୍ମୁ-କାଶ୍ମୀରରେ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରାଯାଉଛି, ଆତଙ୍କବାଦୀ ପ୍ରବେଶ କରୁଛନ୍ତି। ଏଥିପାଇଁ ଦେଶର ଗୃହମନ୍ତ୍ରୀ ସମ୍ପୂର୍ଣ୍ଣ ଭାବେ ଦାୟୀ। ଆମେ ଇସ୍ତଫା ଦାବି କରି ଗୃହରେ ପ୍ରତିବାଦ କରୁଛୁ। ବନ୍ଦେ ମାତରମ୍ ଉପରେ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଗୃହରେ ଉପସ୍ଥିତ ନଥିଲେ। ଏହା କ'ଣ ବନ୍ଦେ ମାତରମ୍ ପ୍ରତି ଅପମାନ ନୁହେଁ କି ବୋଲି ଏହା ଉପରେ ପ୍ରଶ୍ନ ଉଠାଇ ରାଉତ କହିଛନ୍ତି। ବନ୍ଦେ ମାତରମ୍ ରଚନା ହେବାର ୧୫୦ ବର୍ଷ ବିତିଗଲାଣି। ପ୍ରଧାନମନ୍ତ୍ରୀ ନିଜକୁ ଜଣେ ମହାନ ଦେଶଭକ୍ତ ବୋଲି କୁହନ୍ତି। ଯଦିଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର କୌଣସି ଭୂମିକା ନଥିଲା, ତଥାପି ସେ ବନ୍ଦେ ମାତରମ୍ ଉପରେ ଆଲୋଚନା କରିବା ପାଇଁ ସଂସଦର ଦୁଇ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ ।ଯଦି ଆପଣ ଏତେ ବଡ଼ ଦେଶଭକ୍ତ ଏବଂ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ମାତରମ୍‌ର ଅପମାନ ବିରୋଧରେ ଏକ ବିଲ୍ ଆଗତ କରିଛନ୍ତି, ତେବେ ଗୃହରେ ଉପସ୍ଥିତ ରହିବା ଆପଣଙ୍କର ଦାୟିତ୍ୱ ଥିଲା। ସରକାର, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ବନ୍ଦେ ମାତରମ୍‌ର ଅପମାନ କରିଛନ୍ତି। ଏଥିପାଇଁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ।କୁଲଗାମ ଆତଙ୍କବାଦୀ ଆକ୍ରମଣ ବିଷୟରେ ସେ କହିଛନ୍ତି,ଅମିତ ଶାହ ଏ ବିଷୟରେ କହିବା ଉଚିତ୍। ଆମେ ପୁଲୱାମା ଏବଂ ପହଲଗାମ ଦେଖିଛୁ ।





## ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଦେବୀଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

**ଡେଲାଙ୍ଗ,୨୮ (ନି.ପ୍ର):** ଡେଲାଙ୍ଗ ବ୍ଲକ ଶ୍ରୀପୁରୁଷୋତ୍ତମପୁର ଗ୍ରାମ ପଞ୍ଚାୟତ ଅଧୀନ ବିଦୁରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଦେବୀଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶିକ୍ଷାବିତ୍ ବିଭୂତି ଭୂଷଣ ହୋତା ଅଧକ୍ଷତା କରିଥିଲେ । ଅତିଥିଭାବେ ବର୍ଷୀୟାନ୍ ଶିକ୍ଷକ ସୁଦର୍ଶନ ପାଣି ,ଏବିଇଓ ଲକ୍ଷ୍ମଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ହିରଣ୍ମୟୀ ମହାପାତ୍ର ,ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି କବି ଦିଗମ୍ବର ରଥ, ସିଆରସିସି ପବିତ୍ର ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରକାଶ ପରିଡା,ପୂର୍ଣ୍ଣଚନ୍ଦ୍ର ସାହୁ, ଆଦର୍ଶ ଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ର, ଆଦର୍ଶ ଶିକ୍ଷୟିତ୍ରୀ ରୁନୁବାଳା ମହାପାତ୍ର ପ୍ରମୁଖଙ୍କ ସହ ଛାତ୍ର ଛାତ୍ରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଶ୍ରୀମତୀ ନଳିନୀ ଦେବୀଙ୍କ ନିରାଡମ୍ବର ଜୀବନ ଶୈଳୀ,ସରଳତା , ଛାତ୍ର ବତ୍ସଳତା ଗୁଣକୁ ଭୁୟସୀ କରି ତାଙ୍କର ନିରାମୟ ଜୀବନ କାମନା ସହ ଗୁରୁ କୁଳ ସବୁବେଳେ ପୂଜିତ ବୋଲି କହିଥିଲେ। ସରକାରଙ୍କ ଯୋଜନାରେ ଅବସର ପରେ ଶିକ୍ଷୟିତ୍ରୀଙ୍କ ପେନସନ୍ ନଥିବା କଥା ପ୍ରକାଶ କରି ବିଭିନ୍ନ ଶିକ୍ଷକ ଶିକ୍ଷୟିତ୍ରୀ ଦୁଃଖ ପ୍ରକାଶ କରିଥିଲେ ।ପ୍ରଧାନ ଶିକ୍ଷକ ଫକିର ଚନ୍ଦ୍ର ଦାସ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ । । ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦେବୀ,ପ୍ରଣତି ମିଶ୍ର, ଦିପ୍ତିମୟୀ ପରମଗୁରୁ ,ଛବିରାଣୀ ସାହୁ, ସ୍ନେହଲତା ସାହୁ,ସୁନିତା ମହାନ୍ତି, ଅଙ୍ଗନବାଡ଼ି କର୍ମୀ ନୀଳମଣି ଦେଇ,ଶିକ୍ଷକ ନୀଳକଣ୍ଠ ଚିନେରା, ଦିଲ୍ଲୀପ ନାୟକ,ଏକାଦଶୀ ପ୍ରଧାନ, ଗୋପୀନାଥ ମହାନ୍ତି,ଛାତ୍ର ଛାତ୍ରୀ କମିଟି ସଭ୍ୟ ସଭ୍ୟା,ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ , ବିଦୁରପୁର ଓ ଜେନାପୁର ଗ୍ରାମବାସୀବୃନ୍ଦ ସଭାରେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ତାଙ୍କର ସୁଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ବିଦୁରପୁର ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତୀ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ପକ୍ଷରୁ ଚତୁର୍ଥ 'ଶକ୍ତି ସମ୍ମାନ ୨୦୨୬' ଆୟୋଜିତ

**ଭୁବନେଶ୍ୱର, ୨୮ (ନି.ପ୍ର) :** କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (CII) ଇଣ୍ଡିଆନ ଓମେନ ନେଟୱର୍କ (IWN) ଓଡ଼ିଶା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଚତୁର୍ଥ ସିଆଇଆଇ ଆଇଡବ୍ଲ୍ୟୁଏନ୍ 'ଶକ୍ତି ସମ୍ମାନ ୨୦୨୬' ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହିଳା ନେତ୍ରୀମାନଙ୍କ ସଫଳତାକୁ ସେଲିବ୍ରେଟ୍ କରାଯିବା ସହ ମହିଳା କେନ୍ଦ୍ରିକ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ଦୋହରାଯାଇଛି। ଏହି କାର୍ଯ୍ୟକ୍ରମରେ ୯୧୩ କୋଟି ଟଙ୍କାର ୧୩ ଟି ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ରାଜ୍ୟରେ ପ୍ରାୟ ୪୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ସମାବେଶକୁ ସମ୍ବୋଧିତ କରି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ (ଆଇଏଏସ) କହିଛନ୍ତିଯେ ମହିଳା ଉଦ୍ୟୋଗୀମାନେ ସଫଳତା ହାସଲ କରିବା ପାଇଁ ପାରମ୍ପରିକ ଓ ସାମାଜିକ ପ୍ରଥାକୁ ଭାଙ୍ଗି ଅନେକ ଆହ୍ୱାନର ସାମ୍ନା କରୁଛନ୍ତି। ସେ ସେମାନଙ୍କୁ ପ୍ରେରଣାର ଏକ ପ୍ରକୃତ ଉତ୍ସ ବୋଲି ଅଭିହିତ କରିବା ସହ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ୨୦୩୬ ଏବଂ ୨୦୪୭ ଭିଜନ ଡକ୍ୟୁମେଣ୍ଟରେ ମହିଳା କେନ୍ଦ୍ରିକ ବିକାଶକୁ ଏକ ପ୍ରମୁଖ ସ୍ତମ୍ଭ ଭାବେ ଗ୍ରହଣ କରାଯାଇ ରାଜ୍ୟକୁ ୧ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେ ଆହୁରି ମଧ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାର ପ୍ରାୟ ଅଧା ଭାଗ ମହିଳା ହୋଇଥିବାରୁ ଉଦ୍ୟୋଗ, ନିଯୁକ୍ତି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ମହିଳାଙ୍କ ଅଂଶଗ୍ରହଣ ଏକ ଅର୍ଥନୈତିକ ଆବଶ୍ୟକତା ଅଟେ। 'ସୁଭଦ୍ରା ଯୋଜନା'ର ପ୍ରଭାବ ସମ୍ପର୍କରେ ସେ ସୂଚନା ଦେଇଛନ୍ତି ଯେ, ହିତାଧିକାରୀମାନେ ଏହି ଆର୍ଥିକ ସହାୟତାକୁ ପିଲାଙ୍କ ଶିକ୍ଷା, ଉଦ୍ୟୋଗ ଏବଂ ଆୟକାରୀ କାର୍ଯ୍ୟକଳାପ ଭଳି ସୃଜନଶୀଳ କାର୍ଯ୍ୟରେ ଅଧିକରୁ ଅଧିକ ବିନିଯୋଗ କରୁଛନ୍ତି। ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା (ଆଇଏଏସ) ଓଡ଼ିଶାରେ ମହିଳା ଉଦ୍ୟୋଗର ଦ୍ରୁତ ଅଭିବୃଦ୍ଧି ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ଉଦ୍ୟୋଗ ଏକ ଆହ୍ୱାନପୂର୍ଣ୍ଣ ଯାତ୍ରା ହୋଇଥିଲେ ମଧ ମହିଳା ଉଦ୍ୟୋଗୀମାନେ କ୍ରମାଗତ ଭାବେ ଉଚ୍ଚ ସଫଳତା ହାସଲ କରି ଦେଖାଇଛନ୍ତି। ଓଡ଼ିଶା ଏବେ ପାରମ୍ପରିକ କ୍ଷେତ୍ର ବ୍ୟତୀତ ପ୍ଲାଷ୍ଟିକ୍, ଖାଦ୍ୟ ପ୍ରକ୍ରିୟାକରଣ, ଏଫଏମସିଜି (FMCG) ଏବଂ ଗୃହୋପକରଣ ଭଳି ଏକ ବିବିଧ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସୁଯୋଗ ପ୍ରଦାନ କରୁଛି । ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରି ସେ ସୂଚନା ଦେଇଛନ୍ତି ଯେ, ପ୍ରତି ଜିଲ୍ଲାରେ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି (DIPA) ପ୍ରତିଷ୍ଠା କରାଯାଇଛି ଏବଂ ଏହା ମଧ୍ୟରେ ୩,୦୦୦ରୁ ଅଧିକ ଆବେଦନ ପତ୍ର ପ୍ରକ୍ରିୟାକରଣ କରାଯାଇ ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରାଯାଇଛି। ଅତିଥି ଓ ପ୍ରତିଭାଗୀମାନଙ୍କୁ ସ୍ୱାଗତ କରି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ, ଶ୍ରୀ ଅନିଲ କୁମାର ସିଂ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ କେବଳ ଉଲ୍ଲେଖନୀୟ ସଫଳତାକୁ ସେଲିବ୍ରେଟ୍ କରିବା ପାଇଁ ନୁହେଁ, ବରଂ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ନେତୃତ୍ୱକୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ। ସେ କହିଛନ୍ତି ଯେ ଉଦ୍ୟୋଗ ପାଇଁ ଅପାର ନିଷ୍ଠା, ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ଆବଶ୍ୟକ। ବ୍ୟତିକ୍ରମୀ ମହିଳା ସଫଳ ଅଧିକାରୀମାନଙ୍କୁ ସମ୍ମାନିତ କରିବା ସହ ମହିଳା ଉଦ୍ୟୋଗୀମାନଙ୍କ ସହ ଏମଓୟୁ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବିନିଯୋଗ ପ୍ରତିଶ୍ରୁତିକୁ ଆନୁଷ୍ଠାନିକ ରୂପ ଦିଆଯାଉଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି । ସିଆଇଆଇ ଆଇଡବ୍ଲ୍ୟୁଏନ୍ ଶକ୍ତି ସମ୍ମାନ ୨୦୨୬ ଅଧୀନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୬ ଜଣ ମହିଳା ସଫଳ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ଏହି ସନ୍ଧ୍ୟାର ଏକ ପ୍ରମୁଖ ଆକର୍ଷଣ ଥିଲା । ସ୍ୱାସ୍ଥ୍ୟସେବା, ପରିବେଶ ଓ ସ୍ଥିରତା, ଷ୍ଟାର୍ଟଅପ୍, ଶିକ୍ଷା, ଗଣମାଧ୍ୟମ ଓ ମନୋରଞ୍ଜନ, କ୍ରୀଡ଼ା, କୁଟୀର ଓ କ୍ଷୁଦ୍ର ଶିଳ୍ପ, ସାମାଜିକ ବିକାଶ ଏବଂ ଉଦ୍ୟୋଗ ଭଳି କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ନେତୃତ୍ୱ, ସହନଶୀଳତା, ନବସୃଜନ ଏବଂ ସମାଜ ପ୍ରତି ସ୍ଥାୟୀ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଏହି ଅବସରରେ ଚିତ୍ରା ଅରୁମୁଗମ, ଆଇଏଏସ୍ ?, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ଓଡ଼ିଶା ସରକାର, ମହିଳା ଉଦ୍ୟୋଗୀମାନଙ୍କର ପ୍ରଗତିର ଯାତ୍ରା ଏବଂ ରାଜ୍ୟର ନିରନ୍ତର ଓ ସମତାଭିତ୍ତିକ ଆର୍ଥିକ ବିକାଶରେ ସେମାନଙ୍କର ମୂଲ୍ୟବାନ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ଏହା ମଧ କହିଥିଲେ ଯେ, ରାଜ୍ୟର ଅର୍ଥନୀତି ଓ ସମାଜ ଗଠନରେ ମହିଳାମାନେ କିପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛନ୍ତି ।



ସନ୍ଧ୍ୟାର ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଉଓଓ ଓଡଘ ଶକ୍ତି ସମ୍ମାନ– ୨୦୨୬ ଅନ୍ତର୍ଗତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୬ ଜଣ କୃତୀ ମହିଳାଙ୍କୁ ସମ୍ମାନିତ କରାଯିବା । ସ୍ୱାସ୍ଥ୍ୟସେବା, ପରିବେଶ ଓ ସ୍ଥାୟୀ ବିକାଶ, ଷ୍ଟାର୍ଟଅପ୍, ଶିକ୍ଷା, ଗଣମାଧ୍ୟମ ଓ ମନୋରଞ୍ଜନ, କ୍ରୀଡ଼ା, କୁଟୀର ଓ କ୍ଷୁଦ୍ର ଶିଳ୍ପ, ସାମାଜିକ ବିକାଶ ଏବଂ ଉଦ୍ୟୋଗିତା ଭଳି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନକୁ ଏହି ସମ୍ମାନ ମାଧ୍ୟମରେ ସ୍ୱୀକୃତି ଦିଆଯାଇଥିଲା। ଏହି ସମ୍ମାନରେ ସେମାନଙ୍କର ଉତ୍କୃଷ୍ଟ ନେତୃତ୍ୱ, ଦୃଢ଼ତା, ନବସୃଜନଶୀଳତା ଏବଂ ସମାଜ ପ୍ରତି ସ୍ଥାୟୀ ଅବଦାନକୁ ଗୌରବାନ୍ୱିତ କରାଯାଇଥିଲା। ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶାର ଅଧ୍ୟକ୍ଷା, ସୁଶ୍ରୀ ଜୁବିନା ଅଲୀ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

## ନାମଦେବ ଫିନଭେଷ୍ଟ ପକ୍ଷରୁ ଭୁବନେଶ୍ୱରରେ ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ସହ ପୂର୍ବ ଭାରତରେ ନିଜର ଉପସ୍ଥିତି ବିସ୍ତାର

NAMDEV FINVEST

**ଭୁବନେଶ୍ୱର,୨୮(ନି.ପ୍ର):** ଆଇସିଆରଏ ଏ-(ଷ୍ଟେବୁଲ୍) ରେଟିଂପ୍ରାପ୍ତ ଅଣ-ବ୍ୟାଙ୍କିଂ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) 'ନାମଦେବ ଫିନଭେଷ୍ଟ ଲିମିଟେଡ୍', ଯାହା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ଆର୍ଥିକ ସମାବେଶୀକରଣକୁ ଆଗକୁ ନେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି, ଓଡ଼ିଶାର ଭୁବନେଶ୍ୱରଠାରେ ନିଜର ନୂତନ ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରିଛି। ଏହି ସମ୍ପ୍ରସାରଣ କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହା ସାରା ଭାରତରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଅର୍ଥିକ ସେବାରୁ ବଞ୍ଚିତ ବ୍ୟକ୍ତିବିଶେଷ, ଉଦ୍ୟୋଗୀ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ନିକଟରେ ବିଶ୍ୱସନୀୟ ଆର୍ଥିକ ସମାଧାନ ପହଞ୍ଚାଇବା ଜାରି ରଖିଛି। ଏହି ସମ୍ପ୍ରସାରଣ ସହିତ, ଓଡ଼ିଶା କମ୍ପାନୀର କାର୍ଯ୍ୟକ୍ଷମତାର ୧୦ମ ରାଜ୍ୟ ପାଲଟିଛି, ଯାହା ଏକ ବିବିଧ ସର୍ବଭାରତୀୟ ନେଟୱାର୍କ ଗଠନର ରଣନୀତିକୁ ଆହୁରି ମଜବୁତ କରୁଛି।

ଅଫିସ ନଂ- ୩୦୧, ୩ୟ ମହଲା, ସେଣ୍ଟର ପଏଣ୍ଟ, ଖାରବେଳ ନଗର, ଜନପଥ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୧ ଠାରେ ଅବସ୍ଥିତ ଏହି ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ନାମଦେବ ଫିନଭେଷ୍ଟର କାର୍ଯ୍ୟ ପରିଚାଳନା ପାଇଁ ଏକ ମୁଖ୍ୟ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଏହା ନିଜର ପହଞ୍ଚ ବୃଦ୍ଧି କରିବା, ଗ୍ରାହକ ଯୋଗାଯୋଗ ସୁଦୃଢ଼ କରିବା ଏବଂ ସ୍ଥାନୀୟ ସମୁଦାୟ ଓ ବ୍ୟବସାୟଗୁଡ଼ିକର ଆବଶ୍ୟକତା ଅନୁଯାୟୀ ସଠିକ୍ ସମୟରେ ସମ୍ପର୍କ-ଭିତ୍ତିକ ଆର୍ଥିକ ସମାଧାନ ପ୍ରଦାନ କରିବାରେ କମ୍ପାନୀର ପ୍ରଚେଷ୍ଟାକୁ ସାହାଯ୍ୟ କରିବ। ଏହି କାର୍ଯ୍ୟାଳୟ ନାମଦେବ ଫିନଭେଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ଉତ୍ପାଦ ଶୃଙ୍ଖଳା ଯୋଗାଇଦେବ, ଯେଉଁଥିରେ ସୁରକ୍ଷିତ ଏମ୍‌ଏସ୍‌ଏମ୍‌ଇ ଋଣ ଉପରେ ପ୍ରାଥମିକ ଧ୍ୟାନ ଦିଆଯିବ, ଯାହା ଏହି ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀ, ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବ।

ଏହି ସମ୍ପ୍ରସାରଣ ଭୁବନେଶ୍ୱରରେ ଏକ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ରଣନୈତିକ ଭାବରେ ସାରା ଓଡ଼ିଶାରେ ଅନ୍ୟ ପାଞ୍ଚଟି ଶାଖା ସ୍ଥାପିନ ସାମିଲ ରହିଛି। ଏହି ନେଟୱାର୍କ ଭିତ୍ତିଭୂମି ରାଜ୍ୟରେ ନାମଦେବ ଫିନଭେଷ୍ଟର କାର୍ଯ୍ୟଦକ୍ଷତା ଏବଂ ଭୌଗୋଳିକ ପହଞ୍ଚକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଦ୍ରୁତ ନିଷ୍ପତ୍ତି ଗ୍ରହଣ ଏବଂ ଅଧିକ ଉତ୍ତରଦାୟୀ ଗ୍ରାହକ ସେବା ପ୍ରଦାନରେ ସହାୟକ ହେବ।

ଏହି ଅବସରରେ ନାମଦେବ ଫିନଭେଷ୍ଟ ଲିମିଟେଡର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଜିତେନ୍ଦ୍ର ତନୱାର କହିଛନ୍ତି, 'ଭୁବନେଶ୍ୱରରେ ଆମ ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ ବିକାଶଶୀଳ ବଜାରଗୁଡ଼ିକ ନିକଟରେ ସମାବେଶୀ ଆର୍ଥିକ ସେବା ପହଞ୍ଚାଇବାର ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୃଦ୍ଧି ପାଉଥିବା ଉଦ୍ୟୋଗୀ କାର୍ଯ୍ୟକଳାପ, ଭିତ୍ତିଭୂମି ବିକାଶ ଏବଂ ମାଇକ୍ରୋ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବୃଦ୍ଧି ହେତୁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧିଶୀଳ ବଜାର। ଏଥିସହିତ, ରାଜ୍ୟର କେତେକ ଅଞ୍ଚଳରେ ସଂଗଠିତ ଏମ୍‌ଏସ୍‌ଏମ୍‌ଇ ଋଣର ପହଞ୍ଚ ସୀମିତ ରହିଛି, ଯାହା ସଠିକ୍ ସମୟରେ, ସମ୍ପର୍କ-ଭିତ୍ତିକ ଋଣ ପ୍ରଦାନ ମାଧ୍ୟମରେ ଏହି ଋଣ ଅଭାବକୁ ପୂରଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି। ଭୁବନେଶ୍ୱରରେ ଆମର ଉପସ୍ଥିତି ଆମକୁ ଗ୍ରାହକ ଏବଂ ସହଯୋଗୀମାନଙ୍କ ସହ ସୁଦୃଢ଼ ସମ୍ପର୍କ ଗଢ଼ିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସେମାନଙ୍କ ଅଭିବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ସମାଧାନ ଯୋଗାଇ ଦିଆଯାଇପାରିବ। ଆମ ନେଟୱାର୍କର ବିସ୍ତାର କରିବା ସହ, ଆମେ ସାବଧାନତାପୂର୍ବକ ଋଣ ପ୍ରଦାନ, ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିବା ଏବଂ ଆମେ ସେବା ଯୋଗାଉଥିବା ସମୁଦାୟ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ ମୂଲ୍ୟ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ ରଖିଛୁ। ଆର୍ଥିକ ସମାବେଶୀକରଣ ବ୍ୟତୀତ, ଏହି ସମ୍ପ୍ରସାରଣ ମହିଳା ସଶକ୍ତୀକରଣ ଏବଂ ଓଡ଼ିଶାରେ ସ୍ଥାୟୀ ବ୍ୟବସାୟିକ ଉନ୍ନତି ପାଇଁ ନାମଦେବ ଫିନଭେଷ୍ଟର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କମ୍ପାନୀ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ମହିଳା-ଚାଳିତ ଉଦ୍ୟୋଗଗୁଡ଼ିକର ପରିବର୍ତ୍ତନକାରୀ ସମ୍ଭାବନାକୁ ପ୍ରକାଶ କରିଥାଏ। ଓଡ଼ିଶାର ପ୍ରଗତିଶୀଳ ନୀତି ଏବଂ ରାଜ୍ୟର ମହିଳା ଉଦ୍ୟୋଗୀ ପ୍ଲାଟଫର୍ମ (ୱିମେନ୍ ଏଣ୍ଟରପ୍ରେନରସିପ୍ ପ୍ଲାଟଫର୍ମ) ପଦକ୍ଷେପ ସହିତ ଯୋଡ଼ିହୋଇ, ନାମଦେବ ଫିନଭେଷ୍ଟ ସାରା ରାଜ୍ୟର ମହିଳା ଉଦ୍ୟୋଗୀମାନଙ୍କ ଉପରେ ବିଶେଷ ଧ୍ୟାନ ଦେଉଛି। କମ୍ପାନୀର ସମ୍ପ୍ରସାରଣ ରଣନୀତି ମହିଳା-କେନ୍ଦ୍ରିକ ଋଣ ଉତ୍ପାଦ ଏବଂ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକୁ ଶାମିଲ କରୁଛି, ଯାହା ମହିଳାମାନଙ୍କୁ କେବଳ ଉପଭୋକ୍ତା ନୁହେଁ, ବରଂ ନିଯୁକ୍ତିଦାତା ଭାବରେ ଗଢ଼ିତୋଳିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ପୂର୍ବ ଭାରତରେ ସମାବେଶୀ ଆର୍ଥିକ ବିକାଶର ବ୍ୟାପକ ଦୃଷ୍ଟିକୋଣରେ ଯୋଗଦାନ ଦେବ।

## ମହିଳା ଉଦ୍ୟୋଗିଙ୍କୁ ପ୍ରୋତ୍ସାହିତ କରୁଛି ଉତ୍କଳ ଆଲୁମିନା

**ଭୁବନେଶ୍ୱର, ୨୮ (ନି.ପ୍ର) :** ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାର ଅଂଶ ଭାବରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍)ର ସିଏସ୍‌ଆର ପ୍ରୟାସସମୂହ ତୃଣମୂଳ ସ୍ତରରେ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଏବଂ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକାଧିକ ମହିଳା-କୈନ୍ଦ୍ରିକ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି। ଏହି ପ୍ରୟାସଗୁଡିକ ରାୟଗଡା ଓ କଳାହାଣ୍ଡି ଜିଲ୍ଲାଗୁଡିକର କାଶିପୁର ଓ ଥୁଆମୂଳ ରାମପୁର ବ୍ଲକଗୁଡିକରେ ପାରିପାର୍ଶ୍ୱିକ ଓ ଖଣି-ପ୍ରଭାବିତ ଗ୍ରାମଗୁଡିକରେ ମହିଳାମାନଙ୍କୁ ସମର୍ଥନ ଯୋଗାଇଦେବାକୁ ହାତକୁ ନିଆଯାଇଛି। ଏ ସମ୍ପର୍କରେ ପ୍ରକାଶ କରି ଶ୍ରୀ କୈଳାସ ପାଣ୍ଡେ, ମାଇନିଂ ବିଜିନେସ୍ ହେଡ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଛନ୍ତି, 'ହିଣ୍ଡାଲ୍‌କୋର ଆମର ବିଶ୍ୱାସ ଯେ ଗୋଷ୍ଠୀଗୁଡିକ ଯେତେବେଳେ ପ୍ରଗତିରେ ସକ୍ରିୟ ସହଭାଗୀ ହୁଅନ୍ତି ସେତେବେଳେ ବାସ୍ତବ ବିକାଶ ଆରମ୍ଭ ହୁଏ। ବାଫିଲମାଲି ଖଣି ଚତୁର୍ପାର୍ଶ୍ୱରେ ଆମର ମହିଳା-ନେତୃତ୍ୱ ଜୀବିକା ଉପାର୍ଜନ ପ୍ରୟାସଗୁଡିକ ଜରିଆରେ ଆମେ ଆୟର ସୁଯୋଗଗୁଡିକ ସୃଷ୍ଟି କରିବା ସହିତ ଔଦ୍ୟୋଗିକତା, ଆତ୍ମବିଶ୍ୱାସ ଓ ଦୀର୍ଘସୂତ୍ରୀ ସ୍ୱାବଲମ୍ବନଶୀଳତାକୁ ପରିପୋଷଣ କରୁଛୁ। ସଶକ୍ତ ମହିଳାମାନେ ଦୀର୍ଘସ୍ଥାୟୀ ଗୋଷ୍ଠୀ ରୂପାନ୍ତରଣ ନିମନ୍ତେ ମଜଭୁତ ପରିବର୍ତ୍ତନକାରୀ ଅଟନ୍ତି। ଅର୍ଥନୈତିକ ସ୍ୱାଧୀନତା ଦିଗରେ ସେମାନଙ୍କ ଯାତ୍ରାକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ପ୍ରୋଜେକ୍ଟ ଶକ୍ତି ଓ ପ୍ରୋଜେକ୍ଟ ଗ୍ରାମ୍ୟ ଶକ୍ତି ଅଧୀନରେ ୟୁଏଆଇଏଲ୍ ଅଣ୍ଡିରାକଞ୍ଚ, ପାଇକକୁପଖାଲ, ନାରିଙ୍ଗଯୋଡି ଏବଂ ଯୋଗିପରିତୁଣ୍ଡା ଗ୍ରାମଗୁଡିକରେ ଦୀର୍ଘସ୍ଥାୟୀ ଔଦ୍ୟୋଗିକତା ଏବଂ ଆୟକାରୀ ସୁଯୋଗଗୁଡିକୁ ପ୍ରୋତ୍ସାହିତ କରି ପ୍ରାୟ ୨୦୦ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିଛି। ସିଏସ୍‌ଆର ଏନଜିଓ ଏବଂ ଆସା (ଏଏସ୍‌ଏସ୍‌ଏ) ଏନଜିଓ ସହଯୋଗୀତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରୟାସଗୁଡିକ ମହିଳାମାନଙ୍କୁ ଧୂପକାଠି (ଅଗରବତୀ) ଓ କାଗଜ ପ୍ଲେଟ ତିଆରି, ଚାନ୍ଦୁଆ କାମ, ଝୋଟ ଓ କାନଭାସ୍ ସାମଗ୍ରୀ, ରାତ୍ରିକାଳୀନ ପରିଧାନ, ଫିନାଇଲ ପ୍ରସ୍ତୁତି ଏବଂ ମାଣ୍ଡିଆ ଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣରେ ଦକ୍ଷତା ବିକାଶ ଜରିଆରେ ସମର୍ଥନ କରିଛି। ମହିଳାମାନେ ସେମାନଙ୍କର ଉଦ୍ୟୋଗ ସ୍ଥାପନ ଓ ପରିଚାଳନା ନିମନ୍ତେ ତାଲିମ, ଯନ୍ତ୍ରପାତି, ଉପକରଣ, କଞ୍ଚାମାଲ ଏବଂ ବୈଷୟିକ ମାର୍ଗଦର୍ଶନ ସମେତ ପୂର୍ଣ୍ଣାଙ୍ଗ ସମର୍ଥନ ଲାଭ କରିଛନ୍ତି। ଉତ୍ପାଦନକୁ ଶୃଙ୍ଖଳିତ କରିବା, ସମ୍ବଳ ପ୍ରାପ୍ତି ନିମନ୍ତେ ଉନ୍ନତ ସୁଯୋଗ ସୃଷ୍ଟି ତଥା ସାମଗ୍ରିକ ଔଦ୍ୟୋଗିକତା ସୁଦୃଢ଼ କରିବାକୁ ଉତ୍ପାଦକ ଗୋଷ୍ଠୀଗୁଡିକ ଗଠନ କରାଯାଇଛି। ସହଭାଗୀ ଏନଜିଓ ଏବଂ ୟୁଏଆଇଏଲ ଦ୍ୱାରା ବଜାର ସଂଯୋଗୀକରଣକୁ ସୁଗମ କରାଯିବା ସହିତ ଜିଲ୍ଲା ଓ ବ୍ଲକସ୍ତରୀୟ ମେଳା, ପ୍ରଦର୍ଶନୀ ଓ ଅନ୍ୟ ବିପଣନ ପ୍ଲାଟଫର୍ମଗୁଡିକରେ ଅଂଶଗ୍ରହଣ ଦ୍ୱାରା ମହିଳାମାନେ ସେମାନଙ୍କର ବଜାର ପହଞ୍ଚ ପରିବ୍ୟାପ୍ତ କରିବା, ସେମାନଙ୍କର ଔଦ୍ୟୋଗିକ ଦକ୍ଷତାରେ ବୃଦ୍ଧି ଘଟାଇବା ଏବଂ ଦୀର୍ଘସ୍ଥାୟୀ ଜୀବିକା ସୃଷ୍ଟି କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରୟାସଗୁଡିକ ପ୍ରୋଜେକ୍ଟ ଗ୍ରାମଗୁଡିକରେ ଗ୍ରାମୀଣ ମହିଳାଙ୍କ ମଧ୍ୟରେ ଆତ୍ମନିର୍ଭରତା ଏବଂ ଅର୍ଥନୈତିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଦିଗରେ ଇଲ୍ଲେଖନୀୟ ଅବଦାନ ରଖିଛି।




## ଆସାମ ବନ୍ୟା ପ୍ରଭାବିତ ୧୦,୦୦୦ ପରିବାରକୁ ରିଲିଫ୍ ଯୋଗାଇବ ରିଲାଏନ୍ସ ଫାଉଣ୍ଡେସନ

**ଗୌହାଟି, ୨୮ (ନି.ପ୍ର) :** ଉପର ଆସାମରେ ପ୍ରବଳ ବର୍ଷା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା କରିବା ପାଇଁ ରିଲାଏନ୍ସ ଫାଉଣ୍ଡେସନ ଏକ ରିଲିଫ୍ ଅଭିଯାନ ଆରମ୍ଭ କରିଛି। ଏହି ପଦକ୍ଷେପ ଅଧୀନରେ, ଶିବସାଗର ଏବଂ ଚରାଇଦେଓ ଜିଲ୍ଲାର ଅନ୍ୟୁନ ୧୦,୦୦୦ ପରିବାରକୁ ଖାଦ୍ୟ, ସୁରକ୍ଷିତ ପାନୀୟ ଜଳ, ଗ୍ରସେରୀ ସାମଗ୍ରୀ, ସ୍ୱାସ୍ଥ୍ୟସେବା ସହାୟତା ଏବଂ ଅସ୍ଥାୟୀ ଆଶ୍ରୟ ପ୍ରଦାନ କରାଯିବ। ଏହି ଦୁଇଟି ଜିଲ୍ଲାର ପାଞ୍ଚ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ସଂଗଠନ ସହିତ ସମନ୍ୱୟ ରଖି ପ୍ରଭାବିତ ଅଞ୍ଚଳଗୁଡ଼ିକର ଆକଳନ କରିବା ପରେ ରିଲାଏନ୍ସ ଫାଉଣ୍ଡେସନର ବିପର୍ଯ୍ୟୟ ପରିଚାଳନା ଦଳ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛି। ବନତାରା, ରିଲାଏନ୍ସ ରିଟେଲ୍ ଏବଂ ଜିଓ ମଧ ଏହି ଅଭିଯାନରେ ସହଯୋଗ କରୁଛନ୍ତି। ଶୁଖିଲା ରାସନ୍ ପ୍ୟାକେଟ ବଣ୍ଟନ ସହିତ ଖାଦ୍ୟ କିମ୍ବା ରାସନ୍ ନଥିବା ପରିବାରଗୁଡ଼ିକ ପାଇଁ ଗୋଷ୍ଠୀଗତ ରୋଷେଇ ଘର ପରିଚାଳିତ ହେଉଛି। ବିସ୍ଥାପିତ ପରିବାର ପାଇଁ ଜରୁରୀକାଳୀନ ଆଶ୍ରୟସ୍ଥଳ କିଟ୍ ବ୍ୟବସ୍ଥା କରାଯାଉଛି, ଯେଉଁଥିରେ ତାରପଲିନ, ଗ୍ରାଉଣ୍ଡ ସିଟ, ମଶାରୀ, ରଶି ଏବଂ ବିଛଣା ଇତ୍ୟାଦି ରହିଛି। ବନ୍ୟା ଯୋଗୁଁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ସେବାଗୁଡ଼ିକୁ ଶୀଘ୍ର ପୁନଃସ୍ଥାପିତ କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସଫେଇ ଏବଂ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଭାବିତ ପରିବାରଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଏବଂ ଅତ୍ୟାବଶ୍ୟକୀୟ ସ୍ୱଚ୍ଛତା କିଟ୍ ମଧ ଯୋଗାଇ ଦିଆଯାଉଛି।



ଗୃହପାଳିତ ପଶୁମାନଙ୍କ ଉପରେ ପ୍ରଭାବକୁ ଚିହ୍ନଟ କରି, ବନତାରାରୁ ଏକ ୩୯ ଜଣିଆ ଦଳକୁ କ୍ଷେତ୍ର ସ୍ତରରେ ନିୟୋଜିତ କରାଯାଇଛି। ଏହି ଦଳ ପଶୁମାନଙ୍କ ପାଇଁ ଚିକିତ୍ସା ଏବଂ ଯତ୍ନ ପ୍ରଦାନ କରିବ, ସ୍ଥାନୀୟ ସମୁଦାୟର ଅନ୍ୟ ପ୍ରାଣୀମାନଙ୍କୁ ମଧ ସହାୟତା ପ୍ରଦାନ କରିବ। ରିଲାଏନ୍ସ ଫାଉଣ୍ଡେସନ୍ ପ୍ରାୟ ୪,୦୦୦ ପ୍ରଭାବିତ ଗୃହପାଳିତ ପଶୁମାନଙ୍କ ପାଇଁ ଚାରା ଉପଲବ୍ଧ କରାଇବାକୁ ଯୋଜନା ପ୍ରସ୍ତୁତ କରିଛି। ଆବଶ୍ୟକ ରହିଥିବା ପରିବାରଗୁଡିକ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ, ଫାଉଣ୍ଡେସନର ବିଭିନ୍ନ ଦଳ ଜିଲ୍ଲା ପ୍ରଶାସନ, ସରକାରୀ ବିଭାଗ, ସ୍ଥାନୀୟ ସଂସ୍ଥା ଏବଂ ସହଯୋଗୀ ସଂଗଠନଗୁଡ଼ିକ ସହିତ ମିଳିତ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି।

## ଖୋଲିଲା ଜୁନିପର ଗ୍ରିନ୍ ଏନର୍ଜିର ୧୮୦୦ କୋଟି ଟଙ୍କାର ଆଇପିଓ

**ଭୁବନେଶ୍ୱର, ୨୮ (ନି.ପ୍ର) :** ଜୁନିପର ଗ୍ରିନ୍ ଏନର୍ଜି ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୬ ଜୁଲାଇ ୩୦ ଗୁରୁବାର ଦିନ ଖୋଲିବ। ଏହି ଅଫରର ପରିମାଣ ୧୮୦୦ କୋଟି ଟଙ୍କା ରହିଛି। ଆଙ୍କର ନିବେଶକମାନେ ଗୋଟିଏ ଦିନ ପୂର୍ବରୁ ୨୦୨୬ ଜୁଲାଇ ୨୯ ବୁଧବାର ବିଡ୍ ଦାଖଲ କରିପାରିବେ। ବିଡ୍‌ର ସବ୍‌ସ୍କ୍ରିପ୍‌ସନ୍ ୨୦୨୬ ଅଗଷ୍ଟ ୩ ସୋମବାର ଦିନ ବନ୍ଦ ହେବ। ଏହି ଅଫରରେ କମ୍ପାନିର ଇକ୍ୱିଟି ସେୟାର ପିଛା ଦାମ୍ ୨୧୪ ଟଙ୍କାରୁ ୨୨୫ ଟଙ୍କା ମଧ୍ୟରେ ରହିବ। ନିବେଶକମାନେ ସର୍ବନିମ୍ନ ୬୬ଟି ଇକ୍ୱିଟି ସେୟାରର ବିଡ୍ ଦାଖଲ କରିପାରିବେ ଓ ସେଥିରେ ୬୬ଟି ଲେଖାଏଁ ସେୟାର ଯୋଡ଼ିପାରିବେ। ଯୋଗ୍ୟ କର୍ମଚାରୀମାନଙ୍କୁ ଇକ୍ୱିଟି ସେୟାର ପିଛା ୨୧ ଟଙ୍କାର ରିହାତି ମିଳିବ। ଏହି ନୂଆ ଅଫରରୁ ମିଳିବାକୁ ଥିବା ପାଣ୍ଠିକୁ କମ୍ପାନି ହାସଲ କରିଥିବା କେତେକ ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା, ଉପକରଣ ସହାୟକ କମ୍ପାନି ଜୁନିପର ଗ୍ରିନ ଗାମା ୱାନ ପ୍ରାଇଭେଟ୍ ଲିମିଟେଡ୍ ଓ ଜୁନିପର ଗ୍ରିନ କାଇଟ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଜୁନିପର ପାୱାର ଫାଇଭ୍ ପ୍ରାଇଭେଟ୍ ଲିମିଟେଡ୍‌ର କିଛି ବକେୟା ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା ଓ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ କମ୍ପାନି ପ୍ରସ୍ତାବ ଦେଇଛି। ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଆଇସିଆଇସିଆଇ ସିକ୍ୟୁରିଟିଜ୍ ଲିମିଟେଡ୍, ଏଚ୍‌ଏସ୍‌ବିସି ସିକ୍ୟୁରିଟିଜ୍ ଆଣ୍ଡ୍ କ୍ୟାପିଟାଲ୍ ମାର୍କେଟ୍‌ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଜେଏମ୍ ଫାଇନାନ୍ସିଆଲ୍ ଲିମିଟେଡ୍ ଓ କୋଟାକ୍ ମହିନ୍ଦ୍ରା କ୍ୟାପିଟାଲ୍ କମ୍ପାନି ଲିମିଟେଡ୍।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି

**ଜଗତସିଂହପୁର,, ୨୮ (ନି.ପ୍ର):** ଜିଲ୍ଲାରେ ଚଳିତ ଲଗାଣ ବର୍ଷା ସହ ମହାନଦୀ , ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଲାବିତ ହୋଇଅଛି। ମାନ୍ୟବର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳଶ୍ରୀ ଜେ ସୋନାଲ ଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀ ରେ ଶୁଖିଲା ଖାଦ୍ୟ,ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ , ଔଷଧ,ମହିଳା ଓ କିଶୋରୀ ମାନଙ୍କ ପାଇଁ ସାନିଟାରୀ ନ୍ୟାପକିନ୍ ଆଦି ପ୍ରଦାନ କରାଯାଉଛି । ମେଡିକାଲ ଟିମ୍ ଦ୍ୱାରା ବୃଦ୍ଧ ଓ ଅସୁସ୍ଥ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କୃଷି ଓ ଉଦ୍ୟାନ କୃଷି ବିଭାଗ କ୍ଷୟ କ୍ଷତି ର ରିପୋର୍ଟ ଦେବାପରେ ଚାଷୀ ମାନେ ସରକାରୀ ସ୍ତରରେ କ୍ଷତିପୂରଣ ପାଇବେ ବୋଲି ଜିଲ୍ଲାପାଳ କହିଛନ୍ତି ।ଆଗକୁ ଦେବୀ ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ର ମୁକାବିଲା ପାଇଁ ପ୍ରଶାସନ ସମସ୍ତ୍ୱ୍ୟସ୍ଥା ସହ ସତର୍କ ଓ ପ୍ରସ୍ତୁତ ଅଛି ବୋଲି ଜିଲ୍ଲାପାଳ କହିଛନ୍ତି ।ଜିଲ୍ଲାପାଳ ଙ୍କ ସହ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଆଜି ରଘୁନାଥପୁର, ତିର୍ତ୍ତୋଲ , କୁଜଙ୍ଗ ର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଦାୟିତ୍ୱରେ ଥିବା ବରିଷ୍ଠ ପ୍ରାଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଓ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ପ୍ରଭୃତି ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଭାବିତ ଙ୍କ ସହ ଆଲୋଚନା କରିଥିଲେ।



## ନୂଆ ୟେଜ୍‌ଦି ରେଞ୍ଜ ସହିତ ୨୦୨୬ ପାର୍ବଣ ଋତୁର ଆରମ୍ଭ କରିଛି ଜାୱା ୟେଜ୍‌ଦି ମୋଟରସାଇକେଲ୍ସ

**ଭୁବନେଶ୍ୱର, ୨୮ (ନି.ପ୍ର) :** ଜାୱା ୟେଜ୍‌ଦି ମୋଟରସାଇକେଲ୍ସ ପକ୍ଷରୁ ଭାରତର ଆଗାମୀ ପାର୍ବଣ ଋତୁ ପାଇଁ ଏହାର ୟେଜ୍‌ଦି ୨୦୨୬ ରେଞ୍ଜର ଉନ୍ମୋଚନ କରାଯାଇଛି । ଏହି ରେଞ୍ଜରେ 'ଅନଷ୍ଟପ୍ ଟ୍ରିନିଟି' ଭାବେ ନାମିତ, ତିନୋଟି ମୋଟରସାଇକେଲ- ୟେଲୋ ଫାଲ୍କନ ଆଡଭେଞ୍ଚର, ଗ୍ରୀନ ମାମ୍ବା ରୋଡଷ୍ଟର ଓ ଗ୍ରେ ପାନ୍ଥର ସ୍କ୍ରାମ୍ବଲର୍ ରହିଛି । ନୂଆଦିଲ୍ଲୀ ଏକ୍ସଶୋ'ରୁମରେ ୟେଲୋ ଫାଲ୍କନ୍ ପ୍ରାରମ୍ଭିକ ମୂଲ୍ୟ ୨୧୨,୯୬୯ ଟଙ୍କା, ଗ୍ରୀନ ମାମ୍ବା ରୋଡ୍‌ଷ୍ଟରର ମୂଲ୍ୟ ୨୦୫,୯୬୯ ଟଙ୍କା ଏବଂ ଗ୍ରେ ପାନ୍ଥର ସ୍କ୍ରାମ୍ବଲର୍ର ମୂଲ୍ୟ ୨୦୫୯୬୯ ଟଙ୍କା ରହିଛି । ଓନମ୍ ପର୍ବ ସହିତ ଭାରତର ଏହାର ପାର୍ବଣ ଋତୁରେ ପ୍ରବେଶ କରୁଥିବାରୁ ଏହି ୩ଟି ମୋଟରସାଇକେଲ କେରଳରୁ ନିଜର ଜାତୀୟ ରୋଲଆଉଟ ଆରମ୍ଭ କରିଛନ୍ତି । କେରଳ ମଧ ଭାରତର ଅନ୍ୟତମ ସର୍ବବୃହତ ମିଡ୍-ସିସି ମୋଟରସାଇକେଲ ମାର୍କେଟ ଯେଉଁଠାରେ ୟେଜ୍‌ଦି ଦୀର୍ଘ ଦିନରୁ ସଂସ୍କୃତି, ଟୁରିଂ ପରମ୍ପରା, ବ୍ୟକ୍ତିଗତ କାହାଣୀ ଓ ସିନେମାର ଅଂଶ ରହିଆସିଛି । କମ୍ପାନୀ ପକ୍ଷରୁ କେରଳରେ ୨୦ରୁ ଅଧିକ ଟଚପଏଂଟ ସ୍ଥାପନ କରିବା ପାଇଁ ବିଶ୍ୱସନୀୟ ଓ ପ୍ରତିଷ୍ଠିତ ଡିଲରଙ୍କ ସହଭାଗିତା କରାଯାଇଛି । ଏହି ମୋଟରସାଇକେଲଗୁଡିକ ସହ ଜାୱା ୟେଜ୍‌ଦି ମୋଟରସାଇକେଲ ପକ୍ଷରୁ ଏହାର ଓନରସିପ ଆସ୍ୟୁରାନ୍ସ ପ୍ରୋଗ୍ରାମ ପ୍ରଦାନ କରାଯାଉଛି ।

ଏସମ୍ପର୍କରେ କ୍ଲାସିକ ଲିଜେଣ୍ଡ୍ସର ସହପ୍ରତିଷ୍ଠାତା ବୋମନ ରୁସ୍ତମ ଇରାନି କହିଛନ୍ତି, "ୟେଜ୍‌ଦି ସବୁବେଳେ ଏଭଳି ଏକ ବ୍ରାଣ୍ଡ ରହିଆସିଛି ଯାହାକୁ ଆମ ସହିତ ଏହାର ଚାଳକମାନେ ମଧ ଗଢ଼ିଛନ୍ତି। ଚାଳକମାନେ ଏହାକୁ ପିଢି ପରେ ପିଢି ହସ୍ତାନ୍ତରିତ କରିଛନ୍ତି, ଏହାକୁ ପୁନରୁଦ୍ଧାର କରିଛନ୍ତି ଓ ଏହାକୁ ନେଇ ସମୁଦାୟ ଗଠନ କରିଛନ୍ତି । ୨୦୨୬ ଶୃଙ୍ଖଳା ୩ଟି ଉଦ୍ଦେଶ୍ୟ-ନିର୍ମିତ ମୋଟରସାଇକେଲ ସହ ସେହି ଉତ୍ସାହକୁ ଜୀବନ୍ତ କରିଛି ।" କ୍ଲାସିକ ଲିଜେଣ୍ଡ୍ସର ସହପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, "ଓନମ ଭାରତର ପାର୍ବଣ ଋତୁ ଆରମ୍ଭକୁ ସୂଚିତ କରୁଥିବାରୁ, କେରଳ ଓ ଏହାର ଚାଳକଙ୍କ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିବା ପାଇଁ ଏହାଠାରୁ ଭଲ ସ୍ଥାନ କିମ୍ବା ସମୟ ଆଉ କିଛି ହୋଇନପାରେ । ଜଣେ ଚାଳକ ଭାବେ କେରଳ ସବୁବେଳେ ମୋ ହୃଦୟର ନିକଟତର ରହିଆସିଛି ଏବଂ ଏହା ୟେଜ୍‌ଦିକୁ ମଧ ନିଜର କରିଛି । ଆମେ କେରଳରୁ ଭାରତ ପାଇଁ ୨୦୨୬ ରେଞ୍ଜର ଉନ୍ମୋଚନ କରିବ ଗର୍ବିତ କାରଣ ଆମେ ଆମର ବ୍ରାଣ୍ଡକୁ ଭାରତବ୍ୟାପୀ ଚାଳକମାନଙ୍କ ନିକଟତର କରିବା ଜାରି ରଖିଛୁ । ମୁଁ ନିଶ୍ଚିତ ଯେ, ଏହି ରାଇଡିଂ ପାରାଡାଇଜରେ ଆମ ଶ୍ରେଣୀରେ ଏକ ନମ୍ବର ମୋଟରସାଇକେଲ ବ୍ରାଣ୍ଡରେ ପରିଣତ ହେବୁ । ଏକ ଦୁଇଚକିଆ ବ୍ରାଣ୍ଡ ଭାବେ ସମ୍ଭବତଃ ଆମେ କେରଳରେ ଏକ ଜାତୀୟ ଲଂଚ୍ କରିଥିବା ପ୍ରଥମ କମ୍ପାନୀ ।" କମ୍ପାନୀର ଏହି ରେଞ୍ଜରେ ସବୁଠାରୁ ଆଗରେ ରହିଛି ୟେଲୋ ଫାଲକନ ଆଡଭେଞ୍ଚର ଯେଉଁଥିରେ କ୍ରସ-ସ୍ପୋକ୍ ହ୍ୱିଲ୍‌ର ବ୍ୟବହାର କରାଯାଇଛି । ଏହା ଏକ ସ୍ୱତନ୍ତ୍ର ଗ୍ରେ ଓ ୟେଲୋ କଲର ସହ ସିଗ୍ନେଚର ଡେକାଲର ଶୁଭାରମ୍ଭ କରିଛି । ଏହାର ନୂଆ ହ୍ୱିଲ ବିକଳ୍ପ ୟେଜ୍‌ଦି ଆଡଭେଞ୍ଚର ରେଞ୍ଜରେ ଉପଲବ୍ଧ ହେବ । ଗ୍ରୀନ ମାମ୍ବା ରୋଡଷ୍ଟର ଏକ ସ୍ୱତନ୍ତ୍ର ମ୍ୟାଟ ଗ୍ରୀନ ଫିନିଶ ରହିଛି ଯାହା ଏକ କ୍ଲିନ୍‌ଟେଡ ଆରାବିକା-ବ୍ରାଉନ ସିଟ୍ ଓ ସିଗ୍ନେଚର କପର ଡେକାଲ୍ସ ଦ୍ୱାରା ପରିପୂର୍ଣ୍ଣ ହୋଇଛି । ଏହା ରୋଡ୍‌ଷ୍ଟର୍ର ୩୩୪-ସିସି ଲିକ୍ୱିଡ-କୁଲ୍ଡ ଆଲ୍ଫା୨ ଇଞ୍ଜିନ, ୬-ସ୍ପିଡ ଗିୟରବକ୍ସ, ଆସିଷ୍ଟ-ଆଣ୍ଡ-ସ୍ଲିପର କ୍ଲଚ ଓ ମଡ୍ୟୁଲାର ସିଟିଂକୁ ବଜାୟ ରଖିଛି । ସେହିପରି ଗ୍ରେ ପାନ୍ଥର ସ୍କ୍ରାମ୍ବଲର୍ରେ ରିଚ୍ ଆରାବିକା ବ୍ରାଉନ ସିଟ୍ ଓ ମ୍ୟାଚିଂ ଟ୍ୟାଙ୍କ ପ୍ୟାଡ୍ ସହିତ ଏକ ବିଳାସପୂର୍ଣ୍ଣ ମେଟାଲିକ ଗ୍ରେ ଫିନିଶ୍ ରହିଛି ଏବଂ ଏହା ୩୩୪-ସିସି ଲିକ୍ୱିଡ-କୁଲ୍ଡ କତାର ଇଞ୍ଜିନ ରହିଛି ।



